୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.67 Bhubaneswar Wednesday April 17 2024 | ୨୬ତମ ବର୍ଷ ସଂଖ୍ୟା–୬୭ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୧୭, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS


## ଟପ୍ ଲିଡର୍ ଶଙ୍କର ରାଓ ସମେତ ୨୯ ନକ୍ସଲ ସଫା

ଭୁବନେଶ୍ୱର,୧୬।୪(ପି.ଏନ): ଲୋକସଭା ନିର୍ବାଚନ ପୂର୍ବରୁ ଛତିଶଗଡରେ ହୋଇଛି ବଡଧରଣର ନକ୍ସଲ ଅପରେସନ। କାଙ୍କ ?ର ଜିଲ୍ଲାରେ ହୋଇଥିବା ଏନକାଉଣ୍ଟର୍ ?ରେ ପ୍ରାଣ ହରାଇଛନ୍ତି ୨୯ ନକ୍ସଲ। ନିହତ ମାଓବାଦୀଙ୍କ ମଧ୍ୟରେ ରହିଛି ସଂଗଠନର ଟପ କମାଣ୍ଡର ଶଙ୍କର ରାଓ। ତା' ମୁଣ୍ଡରେ ୨୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ମାଓବାଦୀଙ୍କ ମୃତଦେହଗୁଡିକ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହା ମଧ୍ୟରେ ଏକାଧିକ ଏକେ ୪୭ ଓ ଇନସାସ ରାଇଫଲ୍ ରହିଛି। ନକ୍ସଲ ବିରୋଧୀ ଅପରେସନରେ ୩ ଜଣ ଯବାନ ଆହତ ହୋଇଛନ୍ତି।ମିଳିଥିବା ସୂଚନା ଅନୁସାରେ, ଆଜି ପ୍ରାୟ ଦିନ ୨ଟା ବେଳେ ଡିଆରଜି ଓ ବିଏସ୍ଏଫ ପକ୍ଷରୁ ବିନାଗୁଣ୍ଡା ନିକଟସ୍ଥ ଗୋଟିଏ ଜଙ୍ଗଲରେ ମାଓବାଦୀ ଦମନ ଅଭିଯାନ କରାଯାଉଥିଲା। ଏହି ସମୟରେ ସେମାନଙ୍କ ମୁକାବିଲା ନକ୍ସଲଙ୍କ ସହ ହୋଇଥିଲା। ଜଙ୍ଗଲ ଭିତରେ ପ୍ରାୟ ୫୦ ଜଣ ନକ୍ସଲ ରହିଥିଲେ। ସେମାନେ ଯବାନମାନଙ୍କୁ ଦେଖିବା କ୍ଷଣି ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଏହାର ଜବାବ ମଧ୍ୟ ଯବାନଙ୍କ ପକ୍ଷରୁ ଦିଆଯାଇଥିଲା।





## ୧୮ ଓ ୧୯ରେ ଜାଳିବ, ୨୦ରୁ ବଦଳିପାରେ ପାଗ

ଭୁବନେଶ୍ୱର,୧୬।୪(ପି.ଏନ): ୧୪ ତାରିଖରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ପୁଣି ବ?ିଛି। ଗତକାଲି ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ଆଜି ୨୯ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରେକର୍ଡ ହୋଇଛି। ବାରିପଦାରେ ସବୁଠି ଅଧିକ ଖରା ହୋଇଛି। ଆଜି ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ କରାଯାଇଛି। ରାଜ୍ୟରେ ଆଗକୁ ମଧ୍ୟ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ। ସେଥିପାଇଁ ପାଣିପାଗ ବିଭାଗ ଆସନ୍ତା ୫ ଦିନ ପାଇଁ ଗ୍ରୀଷ୍ମ ପ୍ରବାହ (ଐରବସ୍ସ ଉବଙ୍ଗର) ଓ ଉଷ୍ମ-ଆଦ୍ର (Hot and Humid) ସ୍ଥିତି ନେଇ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ତେବେ ଆଶ୍ୱସ୍ତିର ଖବର ଏହା ଯେ ୨୦ ତାରିଖ ବେଳକୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। ସେହିଦିନ ରାଜ୍ୟର କିଛି ଅଞ୍ଚଳରେ ହାଲ୍କା ବର୍ଷା ହୋଇପାରେ।

## ବାରବାଟି ବସ ଦୁର୍ଘଟଣାରେ ମୃତକଙ୍କ ମଧ୍ୟରୁ ୪ଜଣଙ୍କ ପରିଚୟ ମିଳିଲା

ଧର୍ମଶାଳା,୧୬।୪(ପିଏନ୍): ଧର୍ମଶଳା ଥାନା ଅ'ର୍ଗତ ୧୬ନଂ ଜାତୀୟ ରାଜପଥ ବାରବାଟି ଛକରେ ସୋମବାର ବସ ଦୁର୍ଘଟଣାରେ ୫ ଜଣ ମୃତ୍ୟୁ ବରଣ କରିଥିବା ବେଳେ ୪୦ ରୁ ଉର୍ଦ୍ଧ ଆହତ କଟକ ମେଡିକାଲ ରେଫର ହୋଇଥିଲେ । ତେବେ ଗତକାଲି ମୃତକଙ୍କ ପରିଚୟ ମିଳିପାରି ନଥିଲା ତେବେ ଆଜି ମୃତକଙ୍କ ମଧ୍ୟରୁ ୪ଜଣଙ୍କ ପରିଚୟ ମିଳିଥିବା ଜଣକର ପରିଚୟ ମିଳିପାରିନାହିଁ। ଅଜି ଧର୍ମଶାଳା ଡାକ୍ତରଖାନାରେ ସମସ୍ତ ୫ ଜଣ ମୃତକଙ୍କ ଶବ ବ୍ୟବଛେଦ କରାଯାଇ ସେମାନଙ୍କ ପରିବାରଙ୍କୁ ହସ୍ତା'ର କରାଯାଇଛି । ମୃତକର ପରିବାର ଆଜି ଡାକ୍ତରଖାନାରେ ପହଁଚି ମୃତଦେହ ଚିହ୍ନଟ କରିବା ପରେ ଶବବ୍ୟବଛେଦ କରାଯାଇଥିଲା। ତେବେ ଜଣେ ମୃତକର ପରିଚୟ ନମିଳିବାରୁ ତାର ମୃତଦେହକୁ ଶବଗାରରେ ରଖାଯାଇଛି । ମୃତଦେହଟି ଚିହ୍ନଟ ହେବା ପରେ ପରିବାର ଲୋକଙ୍କୁ ହସ୍ତା'ର କରାଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ସୂଚନା ଦେଇଛଁ । ଚିହ୍ନଟ ହୋଇଥିବା ୪ ମୃତଦେହ ପଶ୍ଚିମବଙ୍ଗର ବୋଲି ଜଣାପଡିଥିବା ବେଳେ ସେମାନେ ହେଲେ ଉତମ ମାଇତି (୪୫), ଅଚିଂ। ମାଇତି (୬୩), ବର୍ଣ୍ଣାଳୀ ଦାସ (୩୮) ଓ ମନୋଜ ଘୋଷ(୪୭) ପଶ୍ଚିମବଙ୍ଗ ମେଦନାପୁର ଅଂଚଳର । ଅନ୍ୟପଟେ ବସରେ ରହିଯାଇଥିବା ମୃତକ ଓ ଆହତମାନଙ୍କ ଆସବାବପତ୍ର ଗୁଡିକୁ ପୁଲିସ ଗତକାଲି ରାତିରେ ଉଦ୍ଧାର କରି ଥାନାକୁ ଆଣିଥିବା ବେଳେ ଆଜି ସମ୍ପୃକ୍ତ ଆହତ ଓ ମୃତକଙ୍କ ପରିବାର ଅଧିକାଂଶ ଲୋକେ ଥାନାରେ ପହଁଚି ଉପଯୁକ୍ତ ପ୍ରମାଣ ଦେଇ ସେମାନଙ୍କ ଆସବାବପତ୍ର ନେଇଛଁ । ଗତକାଲି ଦୁର୍ଘଟଣା ଘଟିବା ପରେ ବାରବାଟି ସରପଂଚ ଧର୍ମଶାଳା ପୁଲିସକୁ ଏସମ୍ପର୍କରେ ଜଣାଇଥିଲେ । ଏହାକୁ ଭିତି କରି ଧର୍ମଶାଳା ପୁଲିସ ୨୮୩/୨୪ରେ ଏକ ମାମଲାରୁଜୁ କରବା ସହ ୨୭୯,୩୩୭, ୩୩୮,୩୦୪ ଦଫାରେ ଘଟଣାର ତଦ' ଚଳାଇଛି । ଅନ୍ୟପଟେ ଖହବର ପାଇ ବାଲେଶ୍ୱର ଅଂଚଳର ଦୁର୍ଘଟଣାଗ୍ରସ୍ତ ବସ ଓଡି–୦୨–ବିଜେ–୮୫୯୯ର ମାଲିକ ଧର୍ମଶାଳା ଥାନାରେ ଅଜି ପହଁଚି ପୁଲିସକୁ ଆବଶ୍ୟକ ସହାୟତା କରିଥିବା ଜଣାଯାଇଛି। ଦୁର୍ଘଟଣା ପରେ ଗତକାଲି ପରିବହନ ଅତିରିକ୍ତ ସଚିବ ଲାଲମୋହନ ସେଠୀ ଘଟଣାସ୍ଥଳରେ ପହଁଚି ଦୁର୍ଘଟଣାର ଉଚ୍ଚ ସ୍ତରୀୟ ତଦ' କରାଯିବ ବୋଲି କହିଥିଲେ। ଦୁର୍ଘଟଣାଗ୍ରସ୍ତ ବସଟିକୁ ପୁଲିସ ଜବତ କରି ଜାରକା ବିଟ ହାଉସ ନିକଟରେ ରଖିଥିବା ବେଳେ ଆଜି ଚଣ୍ଡିଖୋଲ ଆରଟିଓ ସମ୍ମିତ କୁମାର ଓ କଟକ ଏସଟିଏ ଟିମ ଆସି ବସକୁ ଯାଂଚ କରିବା ସହିତ ସ୍ଥାନୀୟ ଲୋକମାନଙ୍କୁ ପଚରା ଉଚରା କରିଛଁ । ଏହି ଦୁର୍ଘଟଣାରେ ଆହତ ମାନେ ହେଲେ ଗୌର ଦାସ, ନିଳିମା ମାଟି, ଚନ୍ଦନ କୁମାର ଦାସ, ମନୀଶା ମଣ୍ଡଳ, ଏବୋବିବି, ରୀନା ବିବି,ପୂର୍ଣ୍ଣଚନ୍ଦ୍ର ଦାସ, ଅର୍ଚ୍ଚନା ଭୋଇ, ସୁହାନା ବିବି, ଅର୍ଜୁନ ସେଠୀ, ଦିପି, ଅଶୋକ ଜେନା, କାହ୍ନୁ ଘୋଷ, ପାପା ସିଂ, ରାଜେନ୍ଦ୍ର ଦାସ, ଅନାଦି ଜେନା, ଗୌତମ ମଣ୍ଡଳ, ଗୁଲୁଲ ଆଚାର୍ଯ୍ୟ, ଭାରତ ମଣ୍ଡଳ, ସୁଶା' ପାତ୍ର, ଅବସୁଦ ଖାଁ, ଶୁଭମ ଜେନା ବୋଲି ଜଣାଯାଇଛି।

## ବିଜେଡ଼ି ଛାଡ଼ି କଂଗ୍ରେସରେ ଯୋଗ ଦେଲେ ଅଶୋକ ପ୍ରତିହାରି

ଭୁବନେଶ୍ୱର,୧୬।୪(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଉପାଦେକ୍ଷ ଅଶୋକ ପ୍ରତିହାରି ଏବଂ ତାଙ୍କର ସମସ୍ତ ଶତାଧିକ ସମର୍ଥକ ବିଜେଡ଼ି ଛାଡ଼ି ହାତ ଧରିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରାର ସଫଳତା ଅଭିବୃତ ହୋଇ ତଥା କଂଗ୍ରେସ ଦଳର ନୀତି ଆଦର୍ଶ ଓ ବିଚାର ଧାରାରେ ଅନୁପ୍ରାଣିତ ହୋଇ ଶ୍ରୀ ପ୍ରତିହାରି କଂଗ୍ରେସ ଯୋଗ ଦେଇଛନ୍ତି ବୋଲି କହିଛନ୍ତି। ଦଳ ପକ୍ଷରୁ ତାଙ୍କୁ ଓ ସମର୍ଥକମାନଙ୍କୁ ସ୍ୱାଗତ କରାଯାଇଥିଲାବେଳେ ସେମାନଙ୍କ ମିଶ୍ରଣ ଦଳକୁ ମଜଭୂତ କରିବ ବୋଲି କୁହାଯାଇଛି। ଏହି ମିଶ୍ରଣ ପର୍ବରେ ପିସିସି ପ୍ରଚାର କମିଟିର ଅଧକ୍ଷ ଶ୍ରୀ ଭକ୍ତ ଚରଣ ଦାସ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ, କେନ୍ଦ୍ରପଡ଼ା ଲୋକସଭା ପାର୍ଥୀ ସିଦ୍ଧାର୍ଥ ସୋରୁପ ଦାସ, ଲଲାଟେନ୍ଦୁ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟେନରରେ ଥିଲା ୧୯୬୦୦ ଟାବଲେଟ୍, ଲୋକେ ଧରି ପୁଲିସକୁ ଦେଲେ

ଭୁବନେଶ୍ୱର,୧୬।୪(ପି.ଏନ): ନିର୍ବାଚନ ପୂର୍ବରୁ ରାୟଗଡାକୁ ଏକ କଣ୍ଟେନରରେ ଆସିଥିଲା ୧୯୬୦୦ ଟାବଲେଟ୍। ସ୍ଥାନୀୟ ଲୋକେ ଧରି ପୁଲିସ୍ ଜିମା ଦେଇଛନ୍ତି। ଶିକ୍ଷକଙ୍କୁ ବାଣ୍ଟିବା ପାଇଁ ଏହି ଟାବଲେଟ୍ ଆସିଥିବା ଜଣାପଡିଛି। ତେବେ ଏଠି ପ୍ରଶ୍ନ ଉଠୁଛି, ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ଟାବ୍‌ଲେଟ୍ କେମିତି ବଣ୍ଟା ହେବାକୁ ଆସିଲା।ଭୁବନେଶ୍ୱରରୁ ଟାବଲେଟ୍ ବୋଝେଇ କରି ଏକ କଣ୍ଟେନର ରାୟଗଡା ରେଳ ଷ୍ଟେସନ ରୋଡ୍‌ରେ ଛିଡା ହୋଇଛି। ଯେଉଁଠି ଯିବାଆସିବା ନାହିଁ। ସେଠାରେ ପେଟି ପେଟି ଟାବଲେଟ୍ ଗୁଡିକ ବୋଲେରୋରେ ଲୋଡ୍ ହେଉଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଟାବଲଟ୍ ଓ ଗାଡିକୁ ଥାନାକୁ ନେଇ ତଦନ୍ତ କରୁଛି। ଜବତ ହୋଇଥିବା ଟାବଲେଟ୍‌ରେ ନବୀନ ପଟ୍ଟନାୟକଙ୍କ ଫଟୋ ଓ ୫-ଟି ଲୋଗୋ ଥିବା ଦେଖିବାକୁ ମିଳିଛି।



## ବଦଳିବ ଶିକ୍ଷା ଢାଞ୍ଚା : ଏଣିକି ନୈନିକ ଦୁଇଟି ଶ୍ରେଣୀରେ ପଢାଇବେ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ

ଭୁବନେଶ୍ୱର,୧୬।୪(ପି.ଏନ):ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଦ୍ୟାଳୟରେ ସବୁ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ପାଠ ପଢାଉ ନାହାନ୍ତି। ଅଧିକାଂଶ ବିଦ୍ୟାଳୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଧାନଶିକ୍ଷକ ପାଠ ପଢାଇବା ବଦଳରେ ପ୍ରଶାସନିକ କାର୍ଯ୍ୟ କରୁଥିବାରୁ ପାଠପଢାରୁ ଦୂରେଇ ରହୁଛନ୍ତି। ବିଭାଗର ଅଧିକାରୀ କ୍ଷେତ୍ର ପରିଦର୍ଶନ ବେଳେ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ସୋମବାର ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ବଜାୟ ରଖିବା ପାଇଁ ସବୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ଦୈନିକ ଦୁଇଟି ଲେଖାଏଁ ଶ୍ରେଣୀରେ ପାଠ ପଢାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ୨୦୨୧ ଏପ୍ରିଲ ୫ ତାରିଖରେ ଏନେଇ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।ପ୍ରଧାନଶିକ୍ଷକ ଦକ୍ଷ ଓ ଉଚ୍ଚଶିକ୍ଷିତ ହୋଇଥିବାରୁ ଅନ୍ତତଃ ଦୁଇଟି ଶ୍ରେଣୀରେ ପାଠ ପଢାଇବା ସହ ଅନ୍ୟ ଶିକ୍ଷକଙ୍କ ପାଠ ପଢା ଯାଞ୍ଚ କରିବାକୁ ସବୁ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ପୁନର୍ବାର ୨୦୨୧ର ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନ୍ତତଃ ପକ୍ଷେ ନୈନିକ ଦୁଇଟି ଶ୍ରେଣୀରେ ପାଠ ପଢାଇବେ। ଏହି ନିୟମକୁ କାର୍ଯ୍ୟକାରୀ କରିବାକୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ବାଲାଟ ଭୋଟିଂ ବିରୋଧରେ ସୁପ୍ରିମକୋର୍ଟ, ଇଭିଏମକୁ ନେଇ କହିଲେ ବଡ କଥା

ଭୁବନେଶ୍ୱର,୧୬।୪(ପି.ଏନ): ଇଭିଏମ ବା ବୈଦ୍ୟୁତିକ ମତଦାନ ଯନ୍ତ୍ର ଦ୍ୱାରା ହେଉଥିବା ଭୋଟ ସହ ଭିଭିପ୍ୟାଟ ସିଷ୍ଟମ ଦ୍ୱାରା ଦୃଶ୍ୟମାନ ହେଉଥିବା କାଗଜ ଖଣ୍ଡର ପୁନଃ ଯାଞ୍ଚ କରି ନିର୍ବାଚନ ରେଜଲ୍ଟ ପ୍ରକାଶ କରିବା ପାଇଁ ହୋଇଥିବା ଏକାଧିକ ଆବେଦନର ଶୁଣାଣି ଆଜି ସୁପ୍ରିମକୋର୍ଟ କରିଛନ୍ତି। ଏହି ସମୟରେ ପୂର୍ବରୁ ହେଉଥିବା ଗୁପ୍ତ ବାଲାଟ ଭୋଟିଂ ବ୍ୟବସ୍ଥା ବିରୋଧରେ ସର୍ବୋଚ୍ଚ ଅଦାଲତ ମତ ରଖିଛନ୍ତି। ଆବେଦନକାରୀ ଏଡିଆରର ଓକିଲ ପ୍ରଶାନ୍ତ ଭୂଷଣଙ୍କୁ ଜଷ୍ଟିସ ସଞ୍ଜୀବ ଖାନ୍ନା କହିଛନ୍ତି, "ଆମେମାନେ ଏବେ ୬୦ ବର୍ଷ ବୟସରେ ପହଞ୍ଚିବାକୁ ଯାଉଛୁ। ବାଲାଟ ପେପର ଥିବା ବେଳେ କ'ଣ ସବୁ ଘଟୁଥିଲା ଆମେ ସମସ୍ତେ ଜାଣିଛେ। ଆପଣ ସେସବୁ ଭୁଲି ଯାଇଥିବେ କିନ୍ତୁ ଆମେ ଆଣି ଭୁଲି ନାହୁଁ।" ଶ୍ରୀ ଭୂଷଣ ନିଜର ପକ୍ଷ ରଖିବା ସହ କହିଥିଲେ ଯେ ଅଧିକାଂଶ ୟୁରୋପୀୟ ଦେଶ ଇଭିଏମ ଛାଡି ପେପର ବାଲାଟ ଭୋଟିଂ ବ୍ୟବସ୍ଥାକୁ ଆପଣାଇଛନ୍ତି। ଆମେ ମଧ୍ୟ ପେପର ବାଲାଟକୁ ଯାଇ ପାରିବା। ଆଉ ଗୋଟିଏ ବିକଳ୍ପ ହେଲା ଭିଭିପ୍ୟାଟ ସ୍ଲିପ ଭୋଟରଙ୍କ ହାତକୁ ଦେଇ ହେବ।



## କେନ୍ଦ୍ରାପଡା ଜିଲ୍ଲା ମିଶନଶକ୍ତି ପାଲଟିଛି ମିଶନ ଲୁଟ ଯୋଜନା !!

କେନ୍ଦ୍ରାପଡ଼ା,୧୬।୪(ପି.ଏନ): ଓଡିଶା ସୂଚନା ଅଧିକାର ଅଭିଯାନ,କେନ୍ଦ୍ରାପଡା ତରଫରୁ ଆଜି ସନ୍ଧ୍ୟାରେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଭିଯାନର କେନ୍ଦ୍ରାପଡା ଜିଲ୍ଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଥିଲେ ଯେ ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗରେ କେନ୍ଦ୍ରାପଡା ଜିଲ୍ଲାରେ ଚାଲିଥିବା ଯୋଜନା ନାମରେ ଆଖି ବୁଜା ଦୁର୍ନିତି ଓ ମନମୁଖୀ କାର୍ଯ୍ୟ ଚାଲିଛି । ୨୦୨୧ ମସିହାରେ ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ଗଠନ କରିଥିଲେ। ସ୍ୱତନ୍ତ୍ର ଭାବେ ମହିଳାଙ୍କ ବିକାଶ ନିମନ୍ତେ ଓଡିଶା ଜିବିକା ମିଶନ ରାଜ୍ୟରେ କାର୍ଯ୍ୟ କରୁଥିବା ସତ୍ତ୍ୱେ କିଛି ଦିନ ତଳେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତି ହେମ୍ବ୍ରମ ପବିତ୍ର ବିଧାନ ସଭାରେ କହିଲେ ଯେ ମିଶନ ଶକ୍ତି ବିଭାଗରେ ଗତ ବର୍ଷ ମାନଙ୍କ ତୁଳନାରେ ଚଳିତ ବର୍ଷ ଅଧିକ ବ୍ୟୟ ବରାଦ କରାଯାଇଛି । ମିଶନ ଶକ୍ତି ବିଭାଗ ଦୁଇ ଗୋଟି ବିଭାଗର ସମ୍ମିଶ୍ରଣରେ ସୃଷ୍ଟି କରାଯାଇଛି । ପୂର୍ବରୁ ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଥିବା ଓଡିଶା ଜିବିକା ମିଶନ ଯାହା କେନ୍ଦ୍ର ସରକାରଙ୍କ ୬୦ ଭାଗ ଓ ରାଜ୍ୟ ସରକାରଙ୍କ ୪୦ ଭାଗ ଅନୁଦାନରେ ଚାଲୁଥିଲା । ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ ମିଶନ ଶକ୍ତି ନାମକୁ ମାତ୍ର କାର୍ଯ୍ୟ କରୁଥିଲା ବେଳେ ଏବେ ତାହାକୁ ମିଶାଇ ମିଶନ ଶକ୍ତି ବିଭାଗ ସୃଷ୍ଟି କରାଯାଇଛି । ଓଡିଶା ଜିବିକା ମିଶନର ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କର୍ମଚାରୀ ମାନେ ବିଡିଓ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଅଧିନରେ କାମ କରୁଥିବା ବେଳେ ମିଶନ ଶକ୍ତିରେ ନିଯୁକ୍ତି ପାଇଥିବା ମୋଟା ବେତନ ଧାରୀ ଚୁକ୍ତି ଭିତିକ କର୍ମଚାରୀ ମାନେ ସିଡିପିଓ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧିନରେ କାମ କରୁଛନ୍ତି । ରାଜ୍ୟ ସ୍ତରରେ ଓଡିଶା ଜିବିକା ମିଶନର ରାଜ୍ୟ ନିର୍ଦ୍ଦେଶକ ଓ ବିଭାଗର ସଚିବ ଭାବେ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ଦୀର୍ଘ ୫ବର୍ଷ ହେଲାଣି କାର୍ଯ୍ୟ କରୁଛନ୍ତି । ସୂଚନା ଯୋଗ୍ୟ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ହେଉଛି ଏକ ମାତ୍ର ବିଭାଗ ଯେଉଁଥିରେ ୯୯ ଭାଗ କର୍ମଚାରୀ ଚୁକ୍ତି ଭିତିକ ଅଉ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ପାଇଛନ୍ତି। ସୂଚନା ଅଧିକାର ଆଇନରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଜାତୀୟ ଜିବିକା ମିଶନରୁ ଓଡିଶା ଜିବିକା ମିଶନକୁ ପାଣ୍ଠି ପ୍ରଦାନ କରୁଛନ୍ତି ମହିଳା ମାନଙ୍କ ବିକାଶ ନିମନ୍ତେ। ମିଶନ ଶକ୍ତି ବିଭାଗକୁ ପୃଥକ ଭାବେ ୨୦୧୮-୧୯ ଠାରୁ ୨୦୨୩-୨୪ ପର୍ଯ୍ୟନ୍ତ ପୃଥକ ଭାବେ କେତେ ପାଣ୍ଠି ଆସିଛି ଆଉ କେତେ ଖର୍ଚ୍ଚ ହୋଇଛି ତାହାର ସବିଶେଷ ବିବରଣୀ ପ୍ରଦାନ ନିମନ୍ତେ ଆବେଦନ କରାଯାଇଥିଲା। କେନ୍ଦ୍ର ତାହାର ତଥ୍ୟ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ମଧ୍ୟ ତଥ୍ୟ ପ୍ରଦାନ କରିଛନ୍ତି। ଆଉ ଉକ୍ତ ତଥ୍ୟ କହୁଛି ଜାତୀୟ ଜିବିକା ମିଶନରୁ ହଜାର ହଜାର କୋଟି ଟଙ୍କା ମିଶନ ଶକ୍ତି ବିଭାଗକୁ ଆସିଛି ଯାହାକୁ ବିଭିନ୍ନ ଯୋଜନାରେ ସେମାନେ କାମରେ ଲଗାଇଛନ୍ତି। କିନ୍ତୁ ଜାତୀୟ ଜିବିକା ମିଶନ ରାଜ୍ୟ ଜିବିକା ମିଶନକୁ ଅନୁଦାନ ଦେଇଥିବା ବେଳେ ମିଶନ ଶକ୍ତି ବିଭାଗକୁ ସିଧା ସଳଖ କୌଣସି ଅନୁଦାନ ରାଶି ଦେଇ ନଥିବା ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ସ୍ପଷ୍ଟ କରୁଛି । ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି ଓଡିଶା ଜିବିକା ମିଶନ ଭୁବନେଶ୍ୱରକୁ ସୂଚନା ଅଧିକାର ଆଇନରେ ୨୦୧୮-୧୯ ମସିହା ଠାରୁ ୨୦୨୩-୨୦୨୪ ମସିହା ପର୍ଯ୍ୟନ୍ତ ଜାତୀୟ ଜିବିକା ମିଶନରୁ କେତେ ଅନୁଦାନ ରାଶି ମିଳିଛି, ଆଉ କେଉଁ କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ମିଶନ ଶକ୍ତି ବିଭାଗକୁ କେତେ ରାଶି ପଠାଯାଇଛି ଏବଂ କାହା ଅନୁମତିରେ ରାଜ୍ୟ ଜିବିକା ମିଶନରୁ ଆର୍ଥିକ ଅନୁଦାନ ମିଶନ ଶକ୍ତି ବିଭାଗକୁ ପଠାଯାଇଛି ଉକ୍ତ ଚିଠିର ନକଲ କପି ପ୍ରଦାନ କରିବା ସହ ସମସ୍ତ ଅନୁଦାନର ୟୁସି କପି ପ୍ରଦାନ ନିମନ୍ତେ ଆବେଦନ କରିଥିଲେ। ଅନ୍ୟପକ୍ଷରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଭାରତ ସରକାର ଦେଇଥିବା ତଥ୍ୟ କହୁଛି ରାଜ୍ୟକୁ ମିଳିଥିବା ଆର୍ଥିକ ଅନୁଦାନର ୟୁସି ରାଜ୍ୟ ଜିବିକା ମିଶନ ଓ ମିଶନ ଶକ୍ତି ବିଭାଗ ଉଭୟେ ମିଳିତ ଭାବେ ଦେଇଛନ୍ତି । ଏଥିରୁ ସ୍ପଷ୍ଟ ମିଶନ ଶକ୍ତି ବିଭାଗ ବେଆଇନ ଭାବରେ ହଜାର ହଜାର କୋଟି କେନ୍ଦ୍ରୀୟ ଅନୁଦାନ ମିଶନ ଶକ୍ତି ବିଭାଗକୁ ନେଇ ନିଜେ ରାଜ୍ୟ ସରକାର ସବୁ ଦେଉଛନ୍ତି ବୋଲି ପ୍ରଚାର ପ୍ରସାର କରୁଛନ୍ତି । ପୁନଶ୍ଚ ସୂଚନା ଅଧିକାର ଆଇନରେ ମିଶନ ଶକ୍ତି କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସେନାପତି ତଥ୍ୟ ପ୍ରଦାନ କରିଛନ୍ତି ଯେ ମିଶନ ଶକ୍ତି ମାଧ୍ୟମରେ ଜିଲ୍ଲା ସ୍ତରରେ କେବଳ ସ୍କୁଟର ଯୋଜନା ଓ ମହିଳା ମାନଙ୍କୁ ଋଣ ପ୍ରଦାନ ବ୍ୟତୀତ ଆଉ କୌଣସି ଯୋଜନା କାର୍ଯ୍ୟକାରୀ ହୋଇ ନାହିଁ । ୨୦୧୮-୧୯ ଠାରୁ ୨୦୨୩-୨୦୨୪ ପର୍ଯ୍ୟନ୍ତ କି ସରକାରଙ୍କ ତର'ରୁ କୌଣସି ଯୋଜନା ବାବଦକୁ ପାଣ୍ଠି ଆସି ନାହିଁ କି ଖର୍ଚ୍ଚ ମଧ୍ୟ ହୋଇ ନାହିଁ । କିନ୍ତୁ ମିଶନ ଶକ୍ତି ବିଭାଗ ଦେଇଥିବା ତଥ୍ୟ କହୁଛି ମହିଳା ମାନଙ୍କ ଦକ୍ଷତା ବିକାଶ ଠାରୁ ଆରମ୍ଭ କରି ମିଶନ ଶକ୍ତି ଗୃହ ନିର୍ମାଣ ଇତ୍ୟାଦି ପର୍ଯ୍ୟନ୍ତ ହଜାର ହଜାର କୋଟି ଖର୍ଚ୍ଚ ହୋଇଛି ଜିଲ୍ଲା ମାନଙ୍କରେ । ଏଥିରୁ ଗୋଟିଏ କଥା ସନ୍ଦେହ ସୃଷ୍ଟି କରୁଛି ଯେ ରାଜ୍ୟ ଠିକ କହୁଛି ନା ଜିଲ୍ଲା ଠିକ କହୁଛି। ଯେତେ ବେଳେ ରାଜ୍ୟ ତଥ୍ୟ ରଖିଛି ବିଗତ ଦୁଇ ବର୍ଷ ମଧ୍ୟରେ ପାଖା ପାଖି ୨୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ମାନଙ୍କରେ । ଯଦି ପ୍ରକୃତରେ ଖର୍ଚ୍ଚ ହୋଇଛି ତାହେଲେ କେନ୍ଦ୍ରାପଡା ଜିଲ୍ଲା ଏଥିରୁ ବାଦ ପଡିଲା କେମିତି ଓ କାହିଁକି ? ଯେତେ ବେଳେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ଜିଲ୍ଲା ବିକାଶ ନିଜେ ଦେଖୁଛନ୍ତି ବୋଲି କହୁଥିବା ବେଳେ ନିଜେ କେନ୍ଦ୍ରାପଡା ମାଟିର ଝିଅ ଏହି ବିଭାଗର ମୁଖ୍ୟ ହୋଇଥିବା ବେଳେ ଏମିତି କିପରି ହେଲା ? ନା ମହିଳା ମାନଙ୍କ ନାମରେ କୋଟି କୋଟି ଟଙ୍କା ହଡପ କରାଯାଇଛି ତାହା ସନ୍ଦେହ ସୃଷ୍ଟି ହୋଇଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି। ଯେତେ ବେଳେ ରାଜ୍ୟ ଗୋଟିଏ ତଥ୍ୟ ଦେଉଥିବା ବେଳେ ଜିଲ୍ଲା ମିଶନ ଶକ୍ତି ଅନ୍ୟ ଏକ ତଥ୍ୟ ଦେଇ ଏହାକୁ ଲୁଚାଇ ବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ସୂଚନା ଅଧିକାର କର୍ମୀ ଶ୍ରୀ ମହାନ୍ତି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ ମାର୍ଶାଘାଇ, ମହାକଳପଡା, କେନ୍ଦ୍ରାପଡା, ଡେରାବିଶ, ପଟାମୁଣ୍ଡାଇ,ରାଜକନିକାଙ୍କୁ ଗତ ୨୮/୧/୨୦୨୪ ରିଖରେ ସୂଚନା ଅଧିକାର ଆଇନରେ ବ୍ଲକ ମିଶନ ଶକ୍ତିକୁ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କେତେ ଅନୁଦାନ ରାଶି ମିଳିଛି ଏବଂ କେତେ ଟଙ୍କା ଉକ୍ତ ଯୋଜନା ବାବଦରେ ଖର୍ଚ୍ଚ ହୋଇଛି ଆଉ ବଳକା କେତେ ରାଶି ଅଛି ଏବଂ କ୍ୟାସ ବୁକ ଓ ଲେଜର ବୁକର ନକଲ କପି ସହ ଉକ୍ତ ଖର୍ଚ୍ଚ ଦର୍ଶାଉ ଥିବା ଉପଯୁକ୍ତ ବିଲ କପିର ନକଲ ପ୍ରଦାନ କରିବା ସହ ବ୍ଲକ ମିଶନ ଶକ୍ତିର ମିଟିଂ ରେଜିଷ୍ଟରର ନକଲ କପି ସହ ମିଟିଂ ସମୟର ଜିପିଆରଏସ 'ଟୋ କପି ପ୍ରଦାନ କରିବା ନିମନ୍ତେ ତଥ୍ୟ ମାଗିଥିଲେ।. କିନ୍ତୁ ଉପରୋକ୍ତ ଅଧିକାରୀ ମାନଙ୍କ କାର୍ଯ୍ୟାଳୟ କୌଣସି ତଥ୍ୟ ପ୍ରଦାନ ନ କରିବାରୁ ଗତ ୨୦/୩/୨୦୨୪ ରିଖରେ ପ୍ରଥମ ଅପିଲ କରାଯିବା ପରେ ସିଡିପିଓ, ମହାକଳପଡା ପ୍ରଦାନ କରିଥିବା ଅସମ୍ପୂର୍ଣ୍ଣ ତଥ୍ୟ ଅନୁଯାୟୀ ତାଲିମ ଓ ଦକ୍ଷତା ବିକାଶ ଓ ଯାତାୟତ ସହାୟତା ବାବଦକୁ ୨୫ଲକ୍ଷ ୨୪ହଜାର ୫୨୮ ଟଙ୍କା ମିଳିଥିବା ବେଳେ ସେଥିରୁ ୨୩ଲକ୍ଷ ୯୩ହଜାର ୨୦୩ ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୮-୧୯ ରୁ ୨୦୨୩-୨୦୨୪ ରେ ଏବଂ ଅଂିସ କଂଟିଜେନ୍ସି ପାଣ୍ଠି ବାବଦରେ ଖର୍ଚ୍ଚ ୧୨ଲକ୍ଷ ୨ହଜାର ୮୬୭ ଟଙ୍କା ଦର୍ଶାଇ ଥିବା ବେଳେ ତାହାର କୌଣସି ବିଲ/ଭାଉଚର ପ୍ରଦାନ କରି ନାହାଁନ୍ତି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣୀ, ମାର୍ଶାଘାଇଙ୍କ ତଥ୍ୟ ଅନୁଯାୟୀ ୨୦୧୮-୧୯ ରୁ ୨୦୨୩-୨୦୨୪ ମଧ୍ୟରେ ମହିଳା ମାନଙ୍କୁ ତାଲିମ ଓ ଦକ୍ଷତା ବିକାଶ ବାବଦରେ ସମୁଦାୟ ୧୮ଲକ୍ଷ ୨୪ହଜାର ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ସେଥିରୁ ୧୬ଲକ୍ଷ ୧୩ହଜାର ୯୫୫ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ସମାନ ବର୍ଷରେ ଅଂିସ କଂଟିଜେନ୍ସି ପାଣ୍ଠି ବାବଦରେ ସମୁଦାୟ ୮ଲକ୍ଷ ୪୯ହଜାର ୭୩୪ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ସେଥିରୁ ୫ଲକ୍ଷ ୨୦ହଜାର ୮୬୯ଟଙ୍କା ଖର୍ଚ୍ଚ ହୋଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି, କେନ୍ଦ୍ରାପଡା ଦେଇଥିବା ତଥ୍ୟ ଦର୍ଶାଉଛି ୨୦୧୮-୨୦୧୯ ଠାରୁ ୨୦୨୩-୨୦୨୪ ପର୍ଯ୍ୟନ୍ତ ଅଂିସ କଂଟିଜେନ୍ସି ପାଣ୍ଠି ବାବଦରେ ସମୁଦାୟ ୧୧ଲକ୍ଷ ୭୬ହଜାର ପ୍ରାପ୍ତ ହୋଇଥିବା ବେଳେ ସେଥିରୁ ୧୦ଲକ୍ଷ ୮୪ହଜାର ୯୭୪ଟଙ୍କା ଖର୍ଚ୍ଚ କରାଯାଇଛି। ଟ୍ରେନିଂ ବାବଦକୁ ୨୭ଲକ୍ଷ ୬୮ହଜାର ୪୩୦ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ସେଥିରୁ ୨୬ଲକ୍ଷ ୭୭ହଜାର ୨୧୦ଟଙ୍କା ଖର୍ଚ୍ଚ କରାଯାଇଛି। ସୂଚନା ଅଧିକାର କର୍ମୀ ଶରତ କୁମାର ପରିଡା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କେନ୍ଦ୍ରାପଡାଙ୍କୁ ସୂଚନା ଅଧିକାର ଆଇନରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି କେନ୍ଦ୍ରାପଡାଙ୍କ ୨୦୧୮ ମସିହା ଠାରୁ ୨୦୨୩ ଡିଏଲଫଙ୍କୁ ସରକାରଙ୍କ ଠାରୁ କେଉଁ କେଉଁ ଯୋଜନା ବାବଦକୁ କେତେ ପାଣ୍ଠି ପ୍ରାପ୍ତ ହୋଇଛି ଓ ଏଥିରୁ କେତେ ରାଶି ଖର୍ଚ୍ଚ ହୋଇଛି ସେହି ଖର୍ଚ୍ଚର ବିଲ/ଭାଉଚର,କ୍ୟାସ ବୁକ ଓ ଅଧିବେଶନ ଖାତା,ବ୍ୟାଙ୍କ ପାସବୁକ ଏବଂ ଅଧିବେଶନର ଜିପିଆରଏସ 'ଟୋ କପି ପ୍ରଦାନ ନିମନ୍ତେ ମାଗିଥିବା ବେଳେ କିନ୍ତୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୌଣସି ତଥ୍ୟ ପ୍ରଦାନ କରିନାହାନ୍ତି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟକୁ ଆଧାର କରି ସୂଚନା ଅଧିକାର ଅଭିଯାନ,କେନ୍ଦ୍ରାପଡା ଜିଲ୍ଲା ତର'ରୁ ଏହି ଦୁର୍ନିତି ଉପରେ ତଦନ୍ତ ନିମନ୍ତେ ଆୟକର ବିଭାଗ, ଅର୍ଥନୈତିକ ଅପରାଧିକ ଶାଖା, ଭିଜିଲାନ୍ସ ନିର୍ଦ୍ଦେଶାଳୟ, ଓଡିଶା ଇତ୍ୟାଦିଙ୍କ ନିକଟରେ ଅଭିଯୋଗ କରିଥିଲେ ପରେ ସୂଚନା ଅଧିକାର ଆଇନରେ ଅର୍ଥନୈତିକ ଅପରାଧିକ ଶାଖା ଚିଠି ନଂ-୫୮୬ ତା ୮/୨/୨୦୨୪ ରିଖରେ ଜଣାଇଛନ୍ତି ଅଭିଯୋଗ ଉପରେ ତଦନ୍ତ ନିମନ୍ତେ ଭିଜିଲାନ୍ସ କଟକଙ୍କୁ ତଦନ୍ତ ନିମନ୍ତେ ପ୍ରଦାନ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଭିଜିଲାନ୍ସ ବିଭାଗ ତର'ରୁ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଦୀପ କୁମାର ଦାଶ, ନିରଞ୍ଜନ ପରିଡା, ଶଶିକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କଲା ବିଜେପି: ବାଦ୍ ପଡିଲେ ଅନୁଭବ ମହାନ୍ତି




ଭୁବନେଶ୍ୱର,୧୬।୪(ପି.ଏନ): ବିଜେପି ନିଜ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛି । ରାଜ୍ୟର ବିଭିନ୍ନ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ଭାରତୀୟ ଜନତା ପାର୍ଟି । ଆସନ୍ତା ନିର୍ବାଚନରେ ରାଉରକେଲା ଆସନରୁ ଦିଲ୍ଲୀପ ରାୟଙ୍କୁ ବିଜେପି ପ୍ରାର୍ଥୀ ଟିକେଟ ଦେଇଛି । ତେବେ ରଣପୁରରୁ ସୁରମା ପାଢୀ ବିଜେପି ପାଇଁ ଯୋଦ୍ଧା ଭାବରେ ନିର୍ବାଚନ ମଇଦାନରେ ଓହ୍ଲାଇଛନ୍ତି । କିନ୍ତୁ ଏହି ତାଲିକାରୁ ବାଦ୍ ପଡିଛନ୍ତି ସୁପରଷ୍ଟାର ତଥା କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି । ବିଜେପି ଏହି ପର୍ଯ୍ୟାୟରେ ତାଙ୍କ ନାମ ଘୋଷଣା କରିବ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ବର୍ତ୍ତମାନ ସବୁ ଆଲୋଚନାରେ ବିରାମ ଲାଗିଛି । ଏହି ପର୍ଯ୍ୟାୟରେ ମଧ୍ୟ ଅନୁଭବଙ୍କ ନାମ ବାଦ୍ ଦେଇଛି ଭାରତୀୟ ଜନତା ପାର୍ଟି । ଏହାବ୍ୟତୀତ କରଞ୍ଜିଆ ବିଧାନସଭା ଆସନରେ ପଦ୍ମଚରଣ ହାଇବ୍ରୁ ଏବଂ ଝରିଗାଁରୁ ନରସିଂହ ଭଦ୍ରାଙ୍କୁ ବିଜେପି ପ୍ରାର୍ଥୀ କରିଛି । ସେହିପରି ପାଟଣାରୁ ଅଖିଳ ଚନ୍ଦ୍ର ନାୟକ, ସାରସକଣାରୁ ଭାଦବ ହାଁସଦା ଏବଂ ବାଙ୍ଗିରିପୋଷୀରୁ ମଞ୍ଜୁଳି ମୁର୍ମୁ ନିର୍ବାଚନ ଲଢିବେ । ରାଇରଙ୍ଗପୁରରୁ ଜୋଲେନ ବାରଦାଙ୍କୁ ବିଜେପି ଟିକେଟ ଦେଇଥିବା ବେଳେ ଡାବୁଗାଁରୁ ସୋମନାଥ ପୁଜାରୀ, ରାଜନଗରରୁ ଲଳିତ ବେହେରା ଏବଂ ବାଲିକୁଦା-ଏରସମାରେ ସତ୍ୟ ଦାରଥୀ ମହାନ୍ତି ବିଜେପି ପାଇଁ ପ୍ରାର୍ଥୀପଦ ପାଇଛନ୍ତି । ଜଗତସିଂହପୁର ପାଇଁ ଅମରେନ୍ଦ୍ର ଦାସ, ସାନଖେମୁଣ୍ଡରେ ଉତ୍ତମ କୁମାର ପାଣିଗ୍ରାହୀ ଏବଂ ମୋହନାରେ ବିଜେପିର ମଙ୍ଗ ଧରିବେ ପ୍ରଶାନ୍ତ ମଲ୍ଲିକ । ରାୟଗଡା ପାଇଁ ବସନ୍ତ କୁମାର ଉଲ୍ଲକା ଲକ୍ଷ୍ମୀପୁରରେ କେଳାଶ କୁଲେସିକା ଏବଂ କୋଟପାଡରେ ରୁପୁ ଭତ୍ରଙ୍କୁ ବିଜେପି ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ବେଳେ ଚୈତନ୍ୟ ନନ୍ଦିବାଲିଙ୍କୁ ପୋଟାଙ୍ଗୀ ଏବଂ ଡମ୍ବରୁ ସୀସାଙ୍କୁ ଚିତ୍ରାକୋଣ୍ଡା ଆସନ ପାଇଁ ପ୍ରାର୍ଥୀ ଭାବରେ ଟିକେଟ ଦେଇଛି ଭାରତୀୟ ଜନତା ପାର୍ଟି ।

## ହାଇୱାକୁ ଧକ୍କା ଦେଲା ବସ, ଜଣେ ମୃତ, ୨୦ରୁ ଉର୍ଦ୍ଧ୍ୱ ଆହତ

ଅନୁଗୁଳ,୧୬।୪(ପି.ଏନ): ଏନ୍‌ଏଚ୍ ୫୫ ଜରପଡା ଛକ ନିକଟରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା । ଏକ ଦୁର୍ଘଟଣାଗ୍ରସ୍ତ ହାଇୱାକୁ ଧକ୍କା ଦେଲା ବସ୍ । ଘଟଣାସ୍ଥଳରେ ଡ୍ରାଇଭର ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି । ତେବେ ବସଟି ଛତିଶଗଡର କୋରବାରୁ ପୁରୀ ଅଭିମୁଖେ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।






# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସି : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।



ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଥିନ୍ତି ହ୍ରିତିକ।

**ହ୍ରିତିକ ବଲିଉଡର ସବୁଠୁ ସେକ୍ସି ପୁରୁଷ**

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଡ଼୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ଦୁହିତା, ଦୁଇକୁଳକୁ ହିତା...



ଆଜି ୧୮ ଦିନର ନିରବତା ପରେ ଘରେ ଯେମିତି ସବୁ ଚଳ ଚଞ୍ଚଳ, ବୋଉ କୋଭିଡ୍ ଆକ୍ରାନ୍ତ ହୋଇ ହସ୍‌ପିଟାଲରେ ପଡିବା ୧୮ ଦିନ ହେଲା। ସମସ୍ତେ ଉପରୁ ଦେଖାଯାଉଛନ୍ତି, ଯେପରି ସବୁ ଠିକ୍, ହେଲେ ମୁଁ ଆଉ ମାନସୀ ବାରମ୍ବାର ନିୟୁଜ୍ ଦେଖି ନିଜେ ନିଜକୁ ସାନ୍ତ୍ୱନା ଦେଲାପରି ନା ଆଜି କମିଛି କରୋନା କେସ୍, ହେଲେ ହସପିଟାଲ ବାଲା ମିଛଟାରେ ଡରାଉଛନ୍ତି ଖାଲିଟାରେ। ଖୁବ୍ ଗମ୍ଭୀର ସ୍ୱଭାବର ମାନସୀ ଥରଟିଏ ମୋ ଅଜାଣତରେ ହସ୍‌ପିଟାଲ ଯାଇ ନର୍ସ, ୱାର୍ଡ ବୟଠାରୁ ଆରମ୍ଭ କରି ଡାକ୍ତର ପର୍ଯ୍ୟନ୍ତ ସମସ୍ତଙ୍କୁ ହାତ କରି ନେଇ ସାରିଛି। ତେଣୁ ଫୋନ୍ ରିଙ୍ଗ୍ ହେଲେ, ସେପଟୁ କ'ଣ ଖବର ଆସିଲା ବଡ ଗର୍ବରେ ସେ ଶୁଣାଏ ବୋଉ ଠିକ୍ ହେଉଛନ୍ତି ଆମର, ଆଉ ବାସ୍ ଦିନେ, ଦୁଇ ଦିନରେ ଘରକୁ ଆସିପାରିବେ।

ହେଲେ ଆଜି ଫୋନ୍ ରିସିଭ୍ କଲାପରେ ସେ ଗର୍ବ ଆଉ ଦିଶୁ ନ ଥିଲା, ବାସ୍ କହିଲା ଚାଲ ମେଡିକାଲ, ଆମେ ପହଞ୍ଚିବା ପରେ ଖବର ମୁଁ ପକ୍କା ହେଲି ବେଡ୍ ନଂ. ୧୦୮ ଆଉ ନାହାନ୍ତି। ସରକାରୀ କଟକଣା ହେତୁ ବଡି ହସ୍ତାନ୍ତର ହେବନି, ତଥାପି ଆମେ ଓ ପରେ ପରେ ପହଞ୍ଚିଥିବା ଭାଇ, ଅପା, ସମସ୍ତେ ବାହାରେ ଠିଆ ହେଉ ଥାଉ। ହସପିଟାଲର ବାରଣ୍ଡା ଜନଶୂନ୍ୟ ଏ ପରା କରୋନା ବିଭାଗ, କିଏ ବା କାହିଁ ଏଠି ନିଜ ଆତ୍ମୀୟଙ୍କ ଲାଗି ଭିଡ ଜମେଇବେ।

ମୁଁ ଅପା ଓ ଭାଇଙ୍କ ସହ କଥାରେ ବ୍ୟସ୍ତ, ୱାର୍ଡରୁ ବାହାରୁଥିବା ଦୁଇଜଣ ୱାର୍ଡ ବୟଙ୍କ କଥା କାନରେ ବାଜିଲା ହଁ ଏ କଳିଯୁଗ ଝିଅ ବୋଲି ସିନା ଡାକ୍ତରଙ୍କ ଗୋଡ ଧରି ପକେଇଲେ ସେ ମହିଳା, କି ଥରେ ଦେଖିବି ବୋଉକୁ, ନହେଲେ ଏ ଯୁଗରେ ଓ ଏ ଭୟଙ୍କର ବେମାରୀ ରେ କିଏ ବା କାହାର? ଆମେ ସେ ଆଡେ ଧ୍ୟାନ ଦେଇନଥିଲୁ, ହଠାତ୍ ଆଖି ପଡିଲା ଆରେ ମାନସୀ କାହିଁ? ଏବେ ତ ଆମ ପାଖେ ଠିଆ ହେଇଥିଲା। ସମସ୍ତେ ହସ୍‌ପିଟାଲ ଭିତରକୁ ଆଗେଇଲୁ, ବସିଛି ମାନସୀ ୱାର୍ଡ ବାହାର ଚେୟାରରେ, ପକେଟ୍‌ରୁ ସାନିଟାଇଜର କାଢ଼ି ସବୁଆଡେ ଟିକେ ପକାଇବା ପରେ ମାନସୀର ହାତରେ ଟୋପେ ପକାଇଲି ସେ ଚୁପ୍। ତାକୁ ବୁଝାଇଲୁ ଚାଲ ଘରକୁ, ଆମର ଏଠି ବାସ୍ ବିଲ୍ ପଇଠ କରିବାର ଥିଲା, ସେମାନେ ତ "ବଡି" ହସ୍ତାନ୍ତର କରିବେନି। ତଥାପି ମାନସୀ ଚୁପ୍, ବାସ ଅପଲକ ନୟନରେ ଚାହିଁଥାଏ ସେ ୱାର୍ଡ ଆଡେ, ଜଣେ ନର୍ସ ବାହାରିଲେ, ମାନସୀ କ୍ଷିପ୍ର ଗତିରେ ଦୌଡିଗଲେ, ପିପିଇ କିଟ୍ ପରିହିତା ନର୍ସର ହାତ ଧରି କହିଲେ ଟିକେ ଦେଖିହେବନି ମାଡାମ୍, ନର୍ସମାନେ ନ ଶୁଣିଲା ପରି ଆଗକୁ ବଢ଼ି ଚାଲିଲେ, ଆଗକୁ ବଢ଼ିଯାଇ କହିଲେ "ବଡି" ଟା ପ୍ୟାକିଙ୍ଗ୍ ଚାଲିଛି, ଆଉ ନିଜ ନିଜ ଭିତରେ କହିଲେ ଆଜିକାଲି ସେଇ ଝିଅ ହିଁ ମା"ଲାଗି ବିକଳ। ପୁଅ-ବୋହୂଙ୍କର ନିଜ ଜୀବନ ଲାଗି ଭୟ ସେଥିଲାଗି ହସ୍‌ପିଟାଲରେ ପକେଇ ଦେଇ ଆଉ ଦେଖିବାକୁ ବି ଆସୁ ନାହାନ୍ତି। ମାନସୀ ଚୁପ୍, ପୁଣି ବସିଲା ସେ ଚେୟାରରେ ଏଥର ମୁଁ ଟିକେ ବିରକ୍ତ ହେଇ କହିଲି, ଚାଲ ଘରକୁ ସେମାନେ ଦେଖିବାକୁ ଦେବେନି, ସେତିକି ବେଳେ ଡାକ୍ତର ଆସି କହିଲେ ତାଙ୍କ ଝିଅ ଏତେ ଅନୁରୋଧ କରୁଛନ୍ତି ସେଥିଲାଗି ମୁଁ ୱାର୍ଡ ବୟଙ୍କୁ କହିଛି ୧୦୮ ବେଡ୍‌ର ବଡିଟାକୁ ଜରି ପ୍ୟାକିଙ୍ଗ୍ କଲାବେଳେ ପଛପଟ ଗେଟ୍‌ପାଖେ ଟିକେ ମୁହଁଟା ଦେଖେଇ ଦେବେ।

ହଠାତ୍ ରାଗି ଉଠିଲେ ମାନସୀ, ଖୁବ୍ ଜୋର୍‌ରେ କହିଲେ ମୁଁ ଝିଅ ନୁହେଁ ମୁଁ ବୋହୂ, ଆଉ ସେ ବଡି ନୁହଁନ୍ତି ସେ "ଆମ ବୋଉ"। ପୁରା କରିଡର ଚୁପ୍ ନର୍ସ, ଡାକ୍ତର, ୱାର୍ଡ ବୟ ଦଉଡି ଆସିଲେ ମାନସୀର ପାଟି ଶୁଣି, ମାନସୀ ଦୀର୍ଘ ଦିନର ବେଦନା ଚାପି ରଖିଥିଲା, ଆଖିରୁ ଏବେ ବୋହି ଚାଲିଲା ଲୁହ ଆଉ ସେ କହିଚାଲିଥାଏ, "ଆମେ ଦୁହତା" ଦୁଇ କୁଳକୁ ହିତା ନୁହେଁ, ଦୁଇ କୁଳକୁ ପିତା"।

ବାପ ଘରେ ହେତୁ ପାଇବାଠାରୁ ଶୁଣିବୁ ସେ ତ ପର ଘର ଯିବ, ତାକୁ କେଉଁ ବି ବଡ ନିଷ୍ପତିରେ ମିଶା ଯାଏନି, ଶାଶୁ ଘରକୁ ଆସିଲା ପରେ ସେ ତ ପର ଘରୁ ଆସିଛି ସେ କ'ଣ ବୁଝିବ ଆମ ଘର ସଂସ୍କାର, କାହା ମନ!

ସମସ୍ତେ ଚୁପ୍ ଚାପ୍ ଶୁଣୁଥାନ୍ତି, ଡାକ୍ତର ମତେ ଠାରିଦେଲେ ପଛ ଗେଟ୍‌କୁ ଯିବା ଲାଗି, ମାନସୀର ହାତ ଧରି ଟାଣି ଟାଣି ଚାଲିଲି, ସେପଟେ ଆମ୍ବୁଲାନ୍ସରେ ବଡି ନା' ବୋଉକୁ ରଖା ସରିଛି, ପି.ପି.ଇ କିଟ୍ ପିନ୍ଧା ଲୋକଟେ କହିଲା ବାସ୍ ଦୂରରୁ ଦେଖନ୍ତୁ, ଏ ଭାଇରସ୍ ଖୁବ୍ ମାରାତ୍ମକ।

ମୁଁ ଆଉ ମାନସୀକୁ ଅଟକାଇବାର ସାହାସ କରିଲି ନାହିଁ, ଦୀର୍ଘ ୧୮ଦିନ ସେ ଯେ ନିଜ ଭିତରେ ଏତେ କଥା ଲୁଚାଇ ରଖିଥିଲା, ଛାଡି ଦେଲି, ତାର ଯାହା ଇଚ୍ଛା ସେ କରୁ। ଅପା-ଭାଇ ଦୂରରେ ଠିଆ ହୋଇଥାନ୍ତି, ମାନସୀ ଆମ୍ବୁଲାନ୍ସ ପାଖକୁ ଯାଇ ବୋଉର ବାସ୍ ମୁହଁଟିକୁ ଦେଖୁଥାଏ, ଆଖିରୁ ଅନବରତ ଲୁହ ଗଡି ଚାଲିଥାଏ, ମୋ ଆଡକୁ ବୁଲି ପଡି ହାତ ଯୋଡି କହିଲା ସୂର୍ଯ୍ୟ ସେମାନଙ୍କୁ କୁହ ପ୍ଲିଜ୍ ଆମ ବୋଉଙ୍କୁ ଆମକୁ ଦେଇ ଦେବେ, ତାଙ୍କ ନାତି ନାତୁଣୀ ଟିକେ ଦେଖିବେ, ସବୁବେଳେ ବୋଉଙ୍କ ମୁହଁରୁ ହାତ କାଚ ବଜ୍ର ହେଉର ଆଶିର୍ବାଦ ଶୁଣିଛି, ଆଜି ସେ କ'ଣ ଏମିତି ଧଳା କପଡା, ଦେହରେ ଗୁଡେଇ ହେଇଯିବେ! ବାପା ଟିକେ ତାଙ୍କୁ ଦେଖିବେନି? ମୁଁ ତାଙ୍କୁ ବୋହୂ ଭଳି ସଜାଇବିନି? ଏମିତି ବିଦାୟ ମୁଁ ବୋଉଙ୍କୁ ଦେଇ ପାରିବିନି। ମାନସୀ କଥା ଶୁଣିବାକୁ କାହାରି ଆଗ୍ରହ ନଥିଲା, ପିପିଇ କିଟ୍ ପିନ୍ଧା ଲୋକ ଜଣକ ମୋତେ ଆଖିରେ ଇଶାରା କରି କହିଲେ ମାନସୀଙ୍କୁ ଦୂରକୁ ନେବାଲାଗି। ମୁଁ ବି ବୋଉକୁ ଥରେ କୋଳେଇ ଧରି କାନ୍ଦିବାର ଇଚ୍ଛା ଥିଲେ ବି ନାଚାର, ବାଧ୍ୟ ହୋଇ ବଳପୂର୍ବକ ମାନସୀକୁ ଟାଣି ଧରିଲି, ଆମ୍ବୁଲାନ୍ସର ଦ୍ୱାର ବନ୍ଦ ହେଇ ଆଗକୁ ବଢ଼ିଗଲା, ମୁଁ କିଛି କହିବି କି ନିଜକୁ ବୁଝେଇବି ଭାବି ପାରୁନଥିଲି। ସମସ୍ତେ ଘରକୁ ଫେରିଲୁ ମାନସୀ ଏମିତିରେ ବି ଖୁବ୍ କମ୍ କଥା କୁହନ୍ତି, ସେ ପୁରା ଚୁପ୍। ବାସ୍ ତାଙ୍କ ବୋହୂ ହେବାର କର୍ତ୍ତବ୍ୟ କରି ଚାଲିଥାଏ।

ଏମିତି ବେଳିକା ଖାଇବା, ବୋଉ ପାଇଁ ପତ୍ରରେ ଖୁବ୍ ଆଗ୍ରହ, ସ୍ନେହରେ ମାନସୀ ନିଜେ ବାଢ଼ି ବାହାରେ ଥୋଇ ଦୂରକୁ ଆସି ଅପେକ୍ଷା କରେ, କାଉଟେ କି ଗାଇଟେ ଆସି ସେତକ ଖାଇ ଦେଲେ ଯେମିତି ମାନସୀକୁ ଗୋଟେ ଆତ୍ମସନ୍ତୋଷ ମିଳୁଥିଲା। ମୁଁ ବି ଦୂରରୁ ବାସ୍ ତାଙ୍କୁ ଦେଖୁଥାଏ। ଆଜି ୧୨ ଦିନ ପୁରିଲା, କାଲି ମାଛ ହେବ, ସାନ ଭାଇ କୁନା ଆଉ ତା ସ୍ତ୍ରୀ ବେଶ୍ ଆଗ୍ରହରେ ରୋଷେୟାକୁ ବରାଦ କରୁଥିଲେ, ପାଟି ଅରୁଚି ହେଲାଣି ନନା କାଲି ଟିକେ ଆମ୍ବୁଲ ଦେଇ ଛୋଟ ମାଛ ଚୁଡଚୁଡା, ଆଉ ବଡ ମାଛ କାଲିଆଟେ କରିବ। ସେମାନେ ମୋ ଆଡେ ଚାହୁଁଥାନ୍ତି ଓ ଗୋଟେ ପରେ ଗୋଟେ ବରାଦ ବି କରୁଥାନ୍ତି, ମୁଣ୍ଡ-ଲାଞ୍ଜି ଦେଇ ଛେଁଚଡାଟେ କରିବା। ବେଶି ଲୋକ ନାହାନ୍ତି, କୋଭିଡ୍ ଭୟ, ବାସ୍ ପରିବାରର ଦଶ-ପନ୍ଦର ଜଣ, ନାନା ବି କହିଲେ ବଡ ବାବୁ କାଲି ମାଛ ଟିକେ ହବ, କାଲି ନଖାଇଲେ ବର୍ଷେ ଯାଏଁ ଆମିଷ ଖାଇପାରିବେନି। ମୁଁ ବି ମୁଣ୍ଡ ହଲାଇ ସନ୍‌ମତି ଦେଲି।

ହେଲେ ଏ କ'ଣ ଚୁପ୍ ରହୁଥିବା ମାନସୀ ପଛରୁ ଆସି ମୋତେ ସମ୍ବୋଧନ କରି କହିଲେ କ'ଣ ଭୁଲି ଯାଉଛ ବୋଉ ପରା ଆମିଷ ଖାଆନ୍ତିନି, ତମେ ଚାରି ବର୍ଷ ଆଗରୁ ମସ୍ତିସ୍କ ଜ୍ୱରରେ ପଡିଥିଲ ବୋଲି, ସେ ପରା ମାନସିକ କରି ଆମିଷ ଛାଡିଥିଲେ। ଆଉ କାଲି କ'ଣ ବୋଉଙ୍କୁ ପତ୍ରରେ ଆମିଷ ବାଢ଼ିବି? ସେ ଆମ ଲାଗି ମଲାଯାଏଁ ଆମିଷ ଛାଡିଦେଲେ, ଆମେ କ'ଣ ଗୋଟେ ବର୍ଷ ଛାଡି ପାରିବାନି? କଥା ଟା ସତରେ ମୋ ପୁଅ ହେବା ଅହଂ ଉପରେ ଶକ୍ତ ଚାପୁଡାଟେ ପରି ଥିଲା। ସାନଭାଇ କହିଲା ଭାଉଜ ସାଧାରେ ଗୋଟେ ଜୋଡେ ଆଇଟମ୍ କରି ଦେବା, ତମେ ବ୍ୟସ୍ତ ହୁଅନା, ଆମେ ଆଉ ଏ ସାଧା ଖାଦ୍ୟ ଖାଇ ପାରିବୁନି। ମୁଁ ବୁଲି ପଡି ବଡ ଅପା ଆଡେ ଚାହିଁଲି, ଭାବିଲି ସେ ତ ଝିଅ, ସେ ନିଶ୍ଚେ ତା ଭାଉଜ କଥାରେ ଏକମତ ହେବ, ହେଲେ ଅପା କହିଲା ଆମେ ଆଉ କାହିଁ ରହିବୁ ଯେ, ଆମେ ଆମ ଘରକୁ ଚାଲି ଯାଉଛୁ ଆଜି କାଲି ବୁଧବାରଟା ଘରେ ଗଲେ ଟିକେ ପେଟ ପୁରେଇ ଖାଇବୁ ହେଲେ।

ଏତିକି ବେଳେ ମୋ ଫୋନ୍‌ଟି ବାଜି ଉଠିଲା, ମୋ ଶାଶୁଙ୍କ ଫୋନ୍ ଥିଲା, ଏକ ନିଶ୍ୱାସରେ କହିଗଲେ ଜ୍ୱାଇଁ ପୁଅ ତମ ଶଶୁର ଚାଲିଗଲେ, ମୋ ଝିଅକୁ ଧରି ଆସ। ଶ୍ୱଶୁର ବି ସେଇ କୋଭିଡ୍‌ରେ ଗଲେ, ଆମେ ଶେଷ ଦର୍ଶନ ବି କରି ପାରିଲୁନି, ଯାହା ଖବର ପାଇ ଜାଣିଲି ମାନସୀର ବାପା ଚାଲିଗଲେ। ମାନସୀ ତାଙ୍କ ଘରେ ସାନ, ଉପରେ ଦୁଇଭାଇ... ଫୋନ୍ ରଖି ବହୁତ ସାହସ କରି ମାନସୀ ପାଖକୁ ଯାଇ କହିଲି ଚାଲ ତମ ଘରକୁ ଯିବା, ସେ ବୁଝିଗଲା, କହିଲା କ'ଣ ବାପା ବି ଚାଲିଗଲେ? ମୁଁ ହଁ କହିଲି, ଭାବୁଥିଲି ସେ ବୋଧେ ଖୁବ୍ କାନ୍ଦିବ, ସାନ ଝିଅ ଭାରି ଗେହ୍ଲା, ହେଲେ ସେ ବସିପଡି କହିଲେ ସେଠି ବୋଉ ପାଖେ ଭାଇ-ଭାଉଜ ଅଛନ୍ତି, ଆଜି ପରା ରାତିରେ ପୁଷ୍କର ଛଡା ହେବାଲାଗି ପୂଜା ହେବ, ପୁଣି କାଲି ବୋଉଙ୍କୁ ୧୩ ପତ୍ର କିଏ ବାଢ଼ିବ? କାଲି ସଂଧ୍ୟାରେ ଯିବା କହି ସେ ଲାଗି ପଡିଲା ପୂଜାର ଜୋଗାଡ କରିବାରେ। ତା'ପରଦିନ ମାଛ ବାସ୍ନାରେ ଛାତ ଉପର ଫାଟି ପଡୁଥିଲା, ମୋ ଭଳି ମାନସୀ ବି ଖୁବ୍ ଆମିଷ ପ୍ରିୟ। ମୋତେ ଲାଗୁଥିଲା ସେ ତା ଦିଅର-ଯାଆଙ୍କ କଥା ଭାଙ୍ଗି ପାରିବନି। ହେଲେ ସେ ତ ମେସିନ୍ ଭଳି ପତ୍ର ଧରି ଛାତକୁ ଗଲା ରୋଷେୟା ନନାଙ୍କୁ କହିଲା ନନା ସାଧା ଆଗେ ବାଢ଼ିଦେଲେ ମୁଁ ବୋଉଙ୍କୁ ଦେଇଆସେ। ଆମେ ସବୁ ଚୁପ୍, ସେ ପତ୍ର ନେଇ ଯିବା ବେଳେ ସାନ ଭାଇର ସ୍ତ୍ରୀ ଗୋଟେ ଆମିଷ ଥାଳି ବାଢ଼ି ମାନି ପଛେ ପଛେ ଚାଲିଲା, କହିଲା ଅପା ଦୁଇଟା ପତ୍ର ବାଢ଼ ଆଜି, ତମେ ତ ଜାଣିଛ ବୋଉଙ୍କୁ ଛୋଟ ମାଛ ଆମ୍ବୁଲ ରାଇ କେତେ ପସନ୍ଦ। ତା'କଥା ରଖି ମାନସୀ ଦୁଇଟା ଯାକ ପତ୍ର ଥୋଇ ଘରଆଡେ ଆଗେଇଲା, ତା' ମୁହଁରେ କିଛି ବି ଭାବ ନଥିଲା ନା ବାପାଙ୍କୁ ହରାଇବାର କଷ୍ଟ, ନା ଏ ଆମିଷ-ନିରାମିଷର ଶୀତଳ ଯୁଦ୍ଧ। ସେ ଆସି ଖାଇବା ଲାଗି ସାଧା ପଟେ ବସିଲା, ପୁରା ଚୁପ୍- ମୁଁ ବି ଆରପଟୁ ଉଠି ଆସି ତା' ପାଖରେ ବସିଲି ତା' ହାତକୁ ଜୋର୍‌ରେ ଧରି ମନେ ମନେ କହୁଥିଲି "ବେଦନାର ତୀର ବିଦ୍ଧ ହୋଇ ମଧ ରକ୍ତ ଝରାଇବାକୁ ମନା ତୁମକୁ, ଦୁହିତା ଦୁଇକୁଳ କୁ ହୀତା ରୁପକ ତାଜମହଲର ମମତାଜ ସାଜିବାକୁ ମନା ତୁମକୁ".... ଆଉ ବାପା ବି ସେପଟ ଧାଡିରୁ ଉଠି ଆସି ମାନସୀ ପାଖରେ ବସି କହିଲେ ବର୍ଷେ ଆମିଷ ନଖାଇଲେ ଚଳିବ।

ସତରେ ଆଜି ଅନୁଭବ କଲି ଝିଅ ହୋଇ ଜନ୍ମ ହେବା ଆଉ ଦୁଇକୁଳକୁ ବାନ୍ଧି ରଖିବା ଆମ ପୁରୁଷ ଜାତି ଲାଗି ଅସମ୍ଭବ ପ୍ରାୟ.....ସତରେ ଝିଅଟିଏ "ଦୁହିତା"।

# ପଡ଼ୋଶୀ ରାଜ୍ୟକୁ କମିଛି ଓଡ଼ିଆ ପାଠ୍ୟ ପୁସ୍ତକ ଯୋଗାଣ

ଓଡ଼ିଶା ଓ ଏହାର ସୀମାବର୍ତ୍ତୀ ଚାରି ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ନେଇ ସୀମା ବିବାଦ ଲାଗିଥିବାବେଳେ ଏହାର ସମାଧାନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି। କୋଟିଆ ପ୍ରସଙ୍ଗକୁ ନେଇ ଆନ୍ଧ୍ର-ଓଡ଼ିଶା ବିବାଦ ସୁପ୍ରିମ କୋର୍ଟରେ ବିଚାରାଧୀନ ଥିବାବେଳେ ଅନ୍ୟ ତିନି ରାଜ୍ୟ ମଧ୍ୟରେ ଲାଗିଥିବା ବିବାଦକୁ ପ୍ରଶାସନିକ ସ୍ତରରେ ସମାଧାନ ପାଇଁ ସୀମାବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିବାଦ ଲାଗିଥିବା ସୀମାବର୍ତ୍ତୀ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଭିତ୍ତିଭୂମିକୁ ସୁଦୃଢ଼ କରି ଗୁଣାତ୍ମକ ସୁବିଧାସୁଯୋଗ ଯୋଗାଇ ଦେବାରେ ସରକାର ପଛଘୁଞ୍ଚା ଦେଉନାହାନ୍ତି। ଶିକ୍ଷାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେବା ସହ ରାଜ୍ୟ ସରକାର କୋଟିଆରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। ସରକାରଙ୍କ ପ୍ରମୁଖ ଉଦ୍ଦେଶ୍ୟ ଶିକ୍ଷା ବ୍ୟବସ୍ଥାକୁ ସଂଗଠିତ କରି ବିବାଦ ବନ୍ଦ କରିବା। ଓଡ଼ିଶା ଛାତ୍ରଛାତ୍ରୀ ପଡ଼ୋଶୀ ରାଜ୍ୟ ଅପେକ୍ଷା ଓଡ଼ିଆ ପାଠ୍ୟ ପୁସ୍ତକ ପ୍ରତି ଅଧିକ ଆଗ୍ରହୀ ହେବେ। ହେଲେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏ କ୍ଷେତ୍ରରେ ଅପେକ୍ଷାକୃତ ହ୍ରାସ ପାଉଥିବା ରାଜ୍ୟ ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟର ବିଗତ ପାଞ୍ଚ ବର୍ଷର ତଥ୍ୟ ଦର୍ଶାଉଛି।

ଓଡ଼ିଶାର ସୀମାବର୍ତ୍ତୀ ରାଜ୍ୟ ଏବଂ ଅଧିକାଂଶ ପ୍ରବାସୀ ଓଡ଼ିଆ ରହୁଥିବା ଗୁଜୁରାଟ ଭଳି କିଛି ରାଜ୍ୟରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ଓଡ଼ିଶା ସରକାର ବ୍ୟବସ୍ଥା କରିଛନ୍ତି। ଉକ୍ତ ରାଜ୍ୟ ସହିତ ରାଜିନାମା କରି ସେଠାରେ ଓଡ଼ିଆ ସ୍କୁଲ ଖୋଲିଛନ୍ତି। ଓଡ଼ିଆ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟ ପୁସ୍ତକ ଯୋଗାଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧାସୁଯୋଗ ମଧ୍ୟ ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି। ସେହିପରି ସୀମାବର୍ତ୍ତୀ ରାଜ୍ୟ ଗୁଡ଼ିକ ମଧ୍ୟରେ ରାଜିନାମା ସ୍ୱାକ୍ଷାରିତ ହୋଇଛି। ଉଭୟ ପଡ଼ୋଶୀ ରାଜ୍ୟ ପରସ୍ପରର ଭାଷା ଓ ସଂସ୍କୃତିକୁ ସମ୍ମାନ ଦେବା ସହିତ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଉଭୟ ଭାଷାଭାଷୀ ପାଠପଢ଼ାର ବ୍ୟବସ୍ଥା କରିବାର ପ୍ରାବଧାନ ରହିଛି। ଯେପରିକି ଆନ୍ଧ୍ର-ଓଡ଼ିଶା ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଉଭୟ ତେଲୁଗୁ ଏବଂ ଓଡ଼ିଆ ଭାଷାରେ ପାଠ ପଢ଼ାଯିବାର ବ୍ୟବସ୍ଥା ହୋଇଛି। ଏହି କ୍ରମରେ ଓଡ଼ିଶା ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟ ପ୍ରତି ବର୍ଷ ପଡ଼ୋଶୀ ରାଜ୍ୟ ଗୁଡ଼ିକୁ ଓଡ଼ିଆ ପିଲାଙ୍କ ଆବଶ୍ୟକତା ଅନୁଯାୟୀ ପାଠ୍ୟପୁସ୍ତକ ଯୋଗାଇ ଦିଅନ୍ତି। ବିଗତ ପାଞ୍ଚ ବର୍ଷର ତଥ୍ୟ କହୁଛି ୨୦୧୭-୧୮ ଶିକ୍ଷା ବର୍ଷ ତୁଳନାରେ ଚଳିତ ବର୍ଷ ୨୫ ପ୍ରତିଶତ ବହି ଯୋଗାଣ ୨୧୫ ଖଣ୍ଡ ଓ ପଶ୍ଚିମବଙ୍ଗକୁ ୨୪,୯୫୦ ଖଣ୍ଡ ବହି ପଠାଯାଇ ଥିବାବେଳେ ଚଳିତ ବର୍ଷରେ ୯୨୮୫ ଖଣ୍ଡ ବହି ଆନ୍ଧ୍ର ଏବଂ ୧୨୨୦୪ ଖଣ୍ଡ ବହି ପଶ୍ଚିମବଙ୍କଗ ପଠାଯାଇଛି। ଯଦିଓ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଏହି ସଂଖ୍ୟା ବୃଦ୍ଧି ପାଇଛି, ହେଲେ ଗୁଜୁରାଟରେ ଏହା ୨୪୯୫୦ରୁ ୧୪୧୭୦କୁ ଖସିଛି। ଯାହାକି ପଡ଼ୋଶୀ ରାଜ୍ୟରେ ଓଡ଼ିଆ ପଢ଼ା ପ୍ରତି ଛାତ୍ରଛାତ୍ରୀଙ୍କର କମୁଥିବା ଆଗ୍ରହକୁ ଦର୍ଶାଉଛି। ତେବେ ଏ ସମ୍ପର୍କରେ ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପଡ଼ୋଶୀ ରାଜ୍ୟରେ ବହିର ଆବଶ୍ୟକତା ଅନୁଯାୟୀ ଓଡ଼ିଶା ସରକାର ବହି ଯୋଗାଇଥାନ୍ତି। ଏଥିପାଇଁ ପୂର୍ବରୁ ଆବଶ୍ୟକତା ସୂଚୀ ଆସିଥାଏ। କରୋନା ପାଇଁ ବିଗତ ଦୁଇ ବର୍ଷ ହେବ ପିଲାଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ଶିକ୍ଷାନୁଷ୍ଠାନ ଖୋଲିନି। ତେଣୁ ପଡ଼ୋଶୀ ରାଜ୍ୟରେ ବହିର ଆବଶ୍ୟକତା କମିଛି। ପ୍ରବାସୀ ତଥା ସୀମାବର୍ତ୍ତୀ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ସବୁବେଳେ ଆବଶ୍ୟକତା ଠାରୁ ଅଧିକ ବହି ଯୋଗାଇ ଦେଉଥିବା ସେ କହିଛନ୍ତି। ଉତ୍କଳ ସମ୍ମିଳନୀ ଏ ଦିଗରେ ବିଶେଷ ଗୁରୁତ୍ୱ ଦେଉଛି। ୨୦୧୯-୨୦ ପଡ଼ୋଶୀ ରାଜ୍ୟ ମାନଙ୍କୁ ପାଖାପାଖି ୧ଲକ୍ଷ ୧୦ ହଜାର ବହି ପଠାଯାଇଥିଲା। ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷାର ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ସେ କହିଛନ୍ତି। ଓଡ଼ିଶା ସରକାର ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଭାଷାର ଶିକ୍ଷା ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା, ପ୍ରୋତ୍ସାହନ ଦେଉଛନ୍ତି। ଓଡ଼ିଆ ଭାଷାକୁ ସାର୍ବଜନୀନ କରିବା ପାଇଁ ପୁସ୍ତକ ପଠାଇବା ସହ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦରମା ଓ ଭତ୍ତା ମଧ୍ୟ ପ୍ରଦାନ କରୁଛନ୍ତି। ତେବେ ଏ କ୍ଷେତ୍ରରେ କେବଳ ସରକାରଙ୍କ ସହାୟତାକୁ ଚାହିଁଲେ ହେବନାହିଁ ଆମ ମାତୃଭାଷାର ଗୌରବ ବଢ଼ାଇବା ପାଇଁ ଆମ ସମସ୍ତଙ୍କର ସଚେତନତା ଓ ସର୍ବୋପରି ନିଜ ମାତୃଭାଷା ଓ ନିଜ ରାଜ୍ୟକୁ ଭଲ ପାଇବା ପାଇଁ ଆନ୍ତରିକତା ଅତ୍ୟନ୍ତ ଜରୁରୀ।

# କେନ୍ଦ୍ରାପଡା କଲେଜ ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମାନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ଓଡିଶା ରସାୟନ ସମାଜର ମିଳିତ ଆନୁକୂଲ୍ୟରେ କେନ୍ଦ୍ରାପଡା କଲେଜ ସମ୍ମିଳନୀ କକ୍ଷରେ ସାଂପ୍ରତିକ ରସାୟନିକ ଗବେଷଣାର ନବ ଦିଗନ୍ତ ଶୀର୍ଷକ ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସଂପାନକୁ ଓଡିଶା ରସାୟନ ସମାଜର ସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତି ଉଦଘାଟନ କରିଥିଲେ। କେନ୍ଦ୍ରାପଡା କଲେଜ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଐତିହ୍ୟ ଓ କୃତିତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଉପାଧକ୍ଷ ଗୋପାଳ ଚନ୍ଦ୍ର ବେହେରା। ଏହି ସଂପାନରେ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ ବିଭାଗୀୟ ମୁଖ୍ୟ ଡଃ. ଦେବେନ୍ଦ୍ର ନାଥ ଗୋଛାୟତ। ମୁଖ୍ୟ ଅତିଥି ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ବର୍ତ୍ତମାନର ଓଡିଶା ଉଚ୍ଚଶିକ୍ଷା ପରିଷଦର ଉପାଧକ୍ଷ ଅଶୋକ କୁମାର ଦାସ ସ୍ମରଣିକା ଉନ୍ମୋଚନ ପୂର୍ବକ ରସାୟନ ବିଭାଗର ଅବଦାନ ସମ୍ପର୍କରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱ ବିଦ୍ୟାଳୟର ରସାୟନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ସତ୍ୟବାନ ଜେନା ରସାୟନ ବିଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଭାବରେ ଏହାର ଭୂମିକା ଓ ସବୁ କ୍ଷେତ୍ରରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିଲେ। କୃଷି ରସାୟନ, ଔଷଧ, ପ୍ରାଣୀ ସମ୍ବନ୍ଧୀୟ ରସାୟନ, ବାୟୋ କେମେଷ୍ଟ୍ରି ଓ ସବୁଜ ରସାୟନ ପ୍ରଭୃତି ସାମ୍ପ୍ରତିକ ସମାଜରେ ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଯେଉଁମାନେ ସାହସର ସହିତ ଗବେଷଣା କରିଛନ୍ତି ସମସ୍ତେ ସଫଳ ହୋଇଛନ୍ତି ଏବଂ ଚାକିରୀ ସେମାନଙ୍କ ପଛରେ ଗୋଡାଇଛି। ଆମର ଯଥେଷ୍ଟ ନିଯୁକ୍ତି ସୁଯୋଗ ରହିଛି କିନ୍ତୁ ଉପଯୁକ୍ତ ପ୍ରାର୍ଥୀଙ୍କର ଅଭାବ ପରିଲକ୍ଷିତ ହେଉଛି। ସଂପାନର ସମ୍ପାଦକ ଡଃ. ପ୍ରମୋଦ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗର ଅନ୍ୟତମ ଅଧାପକ ଡଃ. ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଂପାନକୁ ପରିଚାଳନା କରିଥିଲେ ଅଧାପିକା ନିରୁପମା ପରିଡା ଏବଂ ଅଧାପକ ବିନ୍ଦୁ ସାଗର ସାହୁ। ସଭାକୁ ସଂଚାଳନା କରିଥିଲେ ଅଧାପିକା ସସ୍ମିତା ସାହୁ ଏବଂ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ବସୁନ୍ଧରା, ଶ୍ରାବଣୀ ଓ ପ୍ରଜ୍ଞା। ସଂପାନର ଦ୍ୱିତୀୟ ଅଧିବେଶନରେ ଅଧକ୍ଷତା କରିଥିଲେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ରସାୟନ ବିଭାଗର ପ୍ରାକ୍ତନ ମୁଖ୍ୟ ଚନ୍ଦ୍ର ଶେଖର ପଣ୍ଡା ଏବଂ ସଂପାନର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ ଆଇ.ଆଇ.ଟି. ମାଡ୍ରାସର ପ୍ରଫେସର ଅଶୋକ କୁମାର ମିଶ୍ର ଏବଂ ନାଇଜର ଭୁବନେଶ୍ୱରର ପ୍ରଫେସର ଚନ୍ଦ୍ର ଶେଖର ପୁରୋହିତ। ତତ୍ ପରବର୍ତ୍ତୀ ସଂପାନରେ ଅଧକ୍ଷତା କରିଥିଲେ ପ୍ରଫେସର ଆଶୁତୋଷ ସାମନ୍ତରାୟ ଓ ପ୍ରଫେସର ଶରତ ଚନ୍ଦ୍ର ଦାସ ଏବଂ ବକ୍ତବ୍ୟ ପ୍ରଦାନ କରିଥିଲେ ଝାଡଖଣ୍ଡ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅରୁଣ କୁମାର ପାଢୀ, ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଜୟଦେବ ବିନ୍ଧା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରଫେସର ଅଜୟ କୁମାର ବେହେରା, ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଡଃ. ସୀତାରାମ ମହାପାତ୍ର ଓ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଡଃ. ସତ୍ୟ ନାରାୟଣ ସାହୁ ପ୍ରମୁଖ। ଏହି ସଂପାନକୁ ପରିଚାଳନା କରିଥିଲେ ନିର୍ମଳ କୁମାର ମହାପାତ୍ର, ପ୍ରଦୀପ ସାହୁ, ରଞ୍ଜିତ କୁମାର ଦାସ, ଅଶୋକ କୁମାର ଦାସ, ଡଃ. ଜ୍ଞାନୀନ୍ଦ୍ର ଦାଶ,ପ୍ରାଧାପକ ତପନ କୁମାର ପତି। ଏହି ସଂପାନରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା, ଡଃ. ସେକ ସମସୁର, କୈଳାସ ଚନ୍ଦ୍ର ବରାଳ, ବିନ୍ଦୁମିତ୍ର ବଳ, ତୁଳସୀ ମହିଳା କଲେଜର ପ୍ରାକ୍ତନ ଅଧକ୍ଷ ଅଜୟ ସାମଲଙ୍କ ସମେତ ବହୁ ସଂଖ୍ୟାରେ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଓ ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ସହରର ବିଭିନ୍ନ ସମସ୍ୟା ନେଇ କେଡିସିଏଫଂର ଜିଲ୍ଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲା ବିପର୍ଯ୍ୟସ୍ତ ଡ୍ରେନ, ପରିମଳ, ଉଠାଦୋକାନୀଙ୍କୁ ଥଇଥାନ ଏବଂ ଶୌଚାଳୟ ନିର୍ମାଣ ଦାବିରେ "ଖୋର୍ଦ୍ଧା ଜିଲା ସିଟିଜନ୍ ଫୋରମ" ପକ୍ଷରୁ ଗତ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୬୦ ମସିହାରେ ଖୋର୍ଦ୍ଧା ସହର ବିଜ୍ଞାପିତ ଅଂଚଳ ପରିଷଦ ଗଠନ ହୋଇଥିଲା। ୨ହଜାର ମସିହାରେ ଏହା ପୌର ପରିଷଦରେ ପରିଣତ ହେଲା। ଇତିମଧ୍ୟରେ ଖୋର୍ଦ୍ଧା ସହର ୬୩ବର୍ଷରେ ପହଂଚିଲାଣି। ତଥାପି ସହରର ବିକାଶ ସ୍ଥାଣୁ ପାଲଟିଛି। ଡ୍ରେନ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ରାସ୍ତାକଡ ଉଠାଦୋକାନୀ(କ୍ୟାବିନ) ଏବଂ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଅନେକ ଉନ୍ନୟନମୂଳକ ଯୋଜନା ଅଧପନ୍ତରିଆ ଭାବେ ପଡି ରହିଥିବା ବେଳେ ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି, ଏକାଧିକ ରାସ୍ତା, ଡ୍ରେନ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଇଥିବା ଦୃଷ୍ଟି ଗୋଚର ହେଉଛି। ଖୋର୍ଦ୍ଧା ସହର ବିପର୍ଯ୍ୟସ୍ତ ଡ୍ରେନ ଏବଂ ରାସ୍ତାଘାଟ ଦୁରାବସ୍ଥା ଯୋଗୁ ସହରବାସୀ ଅତିଷ୍ଠ ହୋଇପଡିଲେଣି। ବର୍ଷ ବର୍ଷ ଧରି ଡ୍ରେନ ସଫା ହେଉନଥିବାରୁ ସାମାନ୍ୟ ବର୍ଷାରେ ଡ୍ରେନପାଣି ନିଷ୍କାସନ ହୋଇନପାରି ରାସ୍ତାରେ ଭାସୁଥିବା ବେଳେ ସହର ରାସ୍ତାଘାଟ ଖାଲଖମାରେ ପରିଣତ ହୋଇଛି। ଫଳରେ ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସହର ଦେଇ ଯାଇଥିବା ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ମୁକୁନ୍ଦପ୍ରସାଦଠାରୁ ଚୁଙ୍ଗୁଡି ଝର, ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ପରିଣତ ହୋଇଥିବା ବେଳେ ରାସ୍ତା ଉପରେ ବଡ ବଡ ଗାତ ସୃଷ୍ଟି ହୋଇଛି। ଫଳରେ ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଛି। ଡାକ୍ତରସ ଲେନଠାରୁ ଗୁରୁଜଙ୍ଗକୁ ସଂଯୋଗ କରୁଥିବା ରାସ୍ତା, ପୋଷ୍ଟ ଅଫିସ ଛକ, ଚଣ୍ଡିଚୁଆ ଛକଠାରୁ ନୂଆ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତା, ସଦର ଏସଡିପିଓଙ୍କ କାର୍ଯ୍ୟାଳୟ ମେଡିକାଲ ପଛପଟ ସମ୍ମୁଖ ରାସ୍ତା ଖାଲଖମାରେ ପରିଣତ ହୋଇଛି। ଏହିଗୁଡିକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ସତ୍ତ୍ୱେ ଏହାର ମରାମତି ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ନୂଆବସଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ଗତ ବର୍ଷ ଆର ଆଣ୍ଡ ବି ପକ୍ଷରୁ ରାସ୍ତା ମରାମତି କରାଯାଇଥିଲା। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତାରୁ ଏହି ରାସ୍ତାରେ ପ୍ରତିବର୍ଷ ଗାତ ସୃଷ୍ଟି ହେଉଛି। ଏହି ରାସ୍ତା ନିର୍ମାଣରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏହା ତଦନ୍ତସାପେକ୍ଷ। ସେହିପରି ନୂଆ ବସଷ୍ଟାଣ୍ଡଠାରୁ ପଲ୍ଲୀ ତୋଟାପଡାକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ସମାନ ଦୁରବସ୍ଥା ରହିଛି।

ସହରର ସବୁଠାରୁ ମୁଣ୍ଡବ୍ୟଥା ସମସ୍ୟା ହେଉଛି ଉଠାଦୋକାନୀ (କ୍ୟାବିନ) ସମସ୍ୟା। ପୁରୁଣା ବସଷ୍ଟାଣ୍ଡ ଠାରୁ ସମବାୟ ଛକ, ପୁରୁଣା ମେଡିକାଲ ରୋଡ, ମାରୱାଡି ପଟି ଏବଂ ଏସବିଆଇ ଛକରେ ପ୍ରାୟ ୫୪୦ରୁ ଊର୍ଦ୍ଧ୍ୱ ଉଠାଦୋକାନୀଙ୍କ କ୍ୟାବିନ ରହିଛି। ଏମାନଙ୍କୁ ପ୍ରସ୍ତାବିତ ହାବେଳି ପଡିଆଠାରେ ଥଇଥାନ ଲାଗି ପୌର ପ୍ରଶାସନ ପକ୍ଷରୁ ନିଷ୍ପତି ନିଆଯାଇଥିଲା। ଦୀର୍ଘବର୍ଷ ଧରି ପ୍ରସ୍ତାବ ରହିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଦିନକୁ ଦିନ ସହରର ନବକଳେବର ଘଟୁଥିବା ବେଳେ ଜନସଂଖ୍ୟା ପ୍ରାୟ ୫୦ହଜାର ଟପିଲାଣି।

# ବେଗୁନିଆରେ ବ୍ଲକ ଅଧ୍ୟକ୍ଷ ପଦବୀର ବିଜୟକୁ ନେଇ ତୁମୁଳକାଣ୍ଡ, ଗାଡି ଭଙ୍ଗାରୁଜା ଘଟଣାରେ ୨ କୋର୍ଟ ଚାଲାଣ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକରେ ଗତ ଶନିବାର ଦିନ ଅପରାହ୍ନରେ ବ୍ଲକ ଅଧ୍ୟକ୍ଷ ପଦବୀର ବିଜୟ ଘୋଷିତ ହେବା ପୂର୍ବରୁ ପରାଜିତ ପ୍ରାର୍ଥୀଙ୍କର ସମର୍ଥକମାନେ ଏକତ୍ରିତ ହୋଇ କାର୍ଯ୍ୟାଳୟର ପରିସରରେ ତିନୋଟି ଗାଡିକୁ ଭାଙ୍ଗିରୁଜି ଚୁରମାର କରିଦେଇଥିଲେ। ତତ୍ ସହିତ ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷଙ୍କୁ ସମର୍ଥନ କରିଥିବା ସମିତି ସଭ୍ୟଙ୍କୁ ବେଗୁନିଆ ପଂଚାୟତର ନବ ନିର୍ବାଚିତ ସରପଂଚ ସତ୍ୟ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ସହଯୋଗୀମାନେ ଅଶ୍ଲିଳ ଭାଷାରେ ଗାଳି ଗୁଲଜ କରିବା ସହ ହାତରେ ମାରଣାସ୍ତ୍ର ଧରି ଜୀବନରେ ମାରିଦେବାକୁ ଧମକ ଦେଇ ବ୍ଲକ କାର୍ଯ୍ୟାଳୟ ଭିତରେ ଧସେଇ ପଶିଥିଲେ। ଏପରିକି ମଧ୍ୟ ଦେଉଳି ପଂଚାୟତର ସମିତି ସଭ୍ୟଙ୍କ ଲୁଗାପଟା ଟଣାଓଟରା କରି ଭ୍ୟାନିଟ ବ୍ୟାଗ ଛଡାଇ ୪ ହଜାର ୫ ଶହ ଟଙ୍କା ସହ ଅତ୍ୟାବଶ୍ୟକ କାଗଜାତ ଓ ସୁନା ଚେନ ଛଡାଇ ନେଇଥିବା ବେଳେ ବୋତଳମା ପଂଚାୟତ ସମିତି ସଭ୍ୟ ଭରତ ଚନ୍ଦ୍ର ଛୋଟରାୟଙ୍କୁ ଘୋଷାରୀ ଆଣି ନିର୍ଦ୍ଧୁମ ଛେଚି ପକାଇଥିଲେ। ଏହି ବ୍ଲକ ଅଧ୍ୟକ୍ଷ ପଦବୀ ନିର୍ବାଚନ ସମୟରେ ସାଧାରଣ ଜନତା ମଧ୍ୟ ଏମାନଙ୍କର ଆକ୍ରୋଶର ଶିକାର ହୋଇ ଥିଲେ ମଧ୍ୟ ଅଳ୍ପ ସଂଖ୍ୟକ ପୋଲିସ ନିୟୋଜନ ହୋଇଥିବାରୁ ସେମାନଙ୍କୁ କାବୁ କରିବାକୁ ଅକ୍ଷମ ହୋଇ ନିରୂପାୟ ଶୂନ୍ୟ ହୋଇଯାଇଥିଲେ। ଏହି ତୁମୁଳ କାଣ୍ଡରେ ଓଆର ୦୨ ଏଜେ ୦୩୪୫,ଓଡି ୦୨ଟି୦୦୧୬ ନମ୍ବର ବିଶିଷ୍ଟ ଇନୋଭା ଗାଡି ଏବଂ ଓଡି ୦୨ଏଚ୮୫୬୮ ନମ୍ବର ବିଶିଷ୍ଟ କ୍ରିଷ୍ଟା ଗାଡିଗୁଡିକୁ ଭାଙ୍ଗି ଦେଇଥିଲେ। ପରେ ଏ ନେଇ ବେଗୁନିଆ ଥାନାରେ ସମ୍ବିତ କୁମାର ମହାଭୋଇଙ୍କ ଅଭିଯୋଗକ୍ରମେ ୧୦୦ ଜଣଙ୍କ ମଧ୍ୟରୁ ପୋଲିସ ପକ୍ଷରୁ ବେଗୁନିଆର ନବନିର୍ବାଚିତ ସରପଂଚ ସତ୍ୟନାରାୟଣ ପ୍ରଧାନ ଓ ସୁରେନ୍ଦ୍ର କୁମାର ପାଲଟାସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିରେ ସଂଗ୍ରାମ କିଶୋର ବଳିୟାରସିଂହ, ରଣଜିତ ସିଂହ, ଅଚ୍ୟୁତ ବରାଡ, କଣ୍ଡୁରୀ ଜୟସିଂହ, ମୀରମେହଫୁଜ ଅଲ୍ଲୀ, ସୁନିଲ ବଳିୟାରସିଂହ, ବିଜୟାନନ୍ଦ ମହାପାତ୍ର, ବିଶ୍ୱଭୂଷଣ ବଳିୟାରସିଂହ, ନିବାସ ପଣ୍ଡା, ଧିରେନ ସାହୁ, କୈଳାସ ସାହୁ, ପ୍ରଭାତ କୁମାର ସାହୁ, ଏସକେ ଚାନ୍ଦ, ଅନଜାର ଖାନ ଓ ଅନସୁର ଅଲ୍ଲୀ ଖାନଙ୍କ ସମେତ ଅନ୍ୟ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିବାର ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥିଙ୍କଠାରୁ ପ୍ରକାଶ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୧୭**

# ଶାଶ୍ୱତ ପ୍ରେମ


ଅନୀତା ପଟ୍ଟନାୟକ

ଆମ ଗାଁରେ ରାମାୟଣ ସପ୍ତାହ ଚାଲିଥାଏ। ଦକ୍ଷିଣ କାଳୀଙ୍କ ମନ୍ଦିର ଆଗରେ ମେଳା ପଡ଼ିଥାଏ। ମେଳାରେ ଅନେକ ଜିନିଷ ମନମୁଗ୍ଧକର ସୁନ୍ଦର ସୁନ୍ଦର ଖେଳନା, ବାସନକୁସନ, ଅନ୍ୟାନ୍ୟ ଘରକରଣା ଆସବାପତ୍ର ସବୁ ମିଳୁଥାଏ। ଯେଉଁମାନଙ୍କ ପାଖରେ ପଇସାପତ୍ର ଥାଏ ସେମାନେ କିଣାକିଣି କରି ଆନନ୍ଦିତ ହେଉଥାନ୍ତି।

ଏହି ସମୟରେ ମୋର ସାଙ୍ଗ ରଶ୍ମୀ କହିଲା ଶୁଣୁଚୁ ଆଜି ରାମାୟଣ ଉପରେ ଠିଆପାଲା ଆରମ୍ଭ ହେବାକୁ ଯାଉଛି, ଚାଲ ଯିବା ଶୁଣିବା। ପାଲା ଗାୟକ ମଙ୍ଗଳାଚରଣ କରି ଗାଇଲେ। ରାମ, ଲକ୍ଷ୍ମଣ, ଜାନକୀ। ପାଲିଆ ପାଲି ଧରି କହିଲା ଜୟ ବୋଲ ହନୁମାନଜୀ। ଏହି ସମୟରେ ଉପସ୍ଥିତ ଦର୍ଶକମାନଙ୍କ ମଧ୍ୟରେ କେତେ ପିଲା କହିଲେ ଜୟ ବୀର ହନୁମାନଜୀ। ପାଲା ଗାୟକ ଗୀତରେ ଗୀତରେ ବୁଝାଇଦେଲେ, ବିଭିନ୍ନ ପ୍ରକାର ଫୁଲ ଅଛି। ଯଥା : ଗେଣ୍ଡୁ, ଟଗର, ଗୋଲାପ, ଚମ୍ପା, କନିୟର, ପଦ୍ମ, ମଲ୍ଲୀ ଇତ୍ୟାଦି ଇତ୍ୟାଦି। ସମସ୍ତେ ବିଭିନ୍ନ ରାସ୍ତାଦେଇ ଦକ୍ଷିଣ କାଳୀ ମନ୍ଦିରକୁ ଆସନ୍ତି। କେହି କିନ୍ତୁ ଫୁଲର ନାଁ ଧରି ପୂଜାକୁ ବୁଝାନ୍ତି ନାହିଁ। ଯଥା ଗେଣ୍ଡୁ ଫୁଲ ପୂଜା ମନ୍ଦାର ଫୁଲ ପୂଜା ଇତ୍ୟାଦି। କାରଣ ପୂଜା ଏକ। ଫୁଲ ଅନେକ। ସେହିପରି ଗାଇ ଅନେକ କିନ୍ତୁ କ୍ଷୀର ଏକ। ଅଳଙ୍କାର ଅନେକ, ସୁନା ଏକ। ଧର୍ମ ଅନକ, କିନ୍ତୁ ଭଗବାନ ଏକ। ରାସ୍ତା ଅନେକ ଗନ୍ତବ୍ୟ – ସ୍ଥଳ ଏକ। ଏହି ସମୟରେ ପାଲିଆ ଗାୟକ ଜନତାଙ୍କ ଆଡ଼କୁ ବୁଲିପଡ଼ି ଓ ପାଲା ଗାୟକଙ୍କୁ ନିର୍ଦ୍ଦେଶ କରି କହିଲା ବଡ଼ ପାଟିରେ ଏକ ସ୍ୱରରେ କୁହ ରାମ। ସେ କହିଲା କେମିତି ମଜା ଦେଖିଲ ତ। 'ରା' କହିବା ସମୟରେ ତୁମ ମୁହଁ ଖୋଲିଗଲା। ଓ 'ମ' କହିଲେ ମୁହଁ ସତରେ ତ! 'ରା' କହିଲେ ମୁହଁ ଖୋଲିଯାଉଛି ଓ 'ମ' କହିଲେ ମୁହଁ ବନ୍ଦ ହୋଇଯାଉଛି। ତୁମେ ଯେଉଁ ଜାତି ଧର୍ମର ହୁଅନା କାହିଁକି, ପାଲା ଗାୟକ କବିତାରେ ବୁଝାଇ କହିଲେ ଏପରି ହେଉଛି କାରଣ 'ରା' କହୁଥିବା ସମୟରେ ଆମ ଶରୀରର ସମସ୍ତ ପାପ ବାହାରି ଯାଉଛି ଓ 'ମ' କହୁଥିବା ସମୟରେ ସେ ପାପକୁ ଆଉ ଥରେ ପ୍ରବେଶ କରିବାକୁ ଦେଉନି। ର + ଆ + ମ = ରାମ। 'ର' ଅର୍ଥ ସୂର୍ଯ୍ୟ, 'ଆ' ଅର୍ଥ ଚନ୍ଦ୍ର ଓ 'ମ' ଅର୍ଥ ନିଆଁ। ସୂର୍ଯ୍ୟ କିରଣ ଅନ୍ଧାରକୁ ଦୂର କରେ। ସେହିପରି ରାମାୟଣ ଶ୍ରବଣ କଲେ ଜ୍ଞାନର ଉଦୟ ହୁଏ ଓ ଅଜ୍ଞାନତା ଦୂର ହୁଏ। ଏହା ଚନ୍ଦ୍ର କିରଣ ଯେପରି ସୁଶୀତଳ, ସୁନ୍ଦର, ମଧୁର ସେହିପରି ତାଙ୍କର ନାମ ଆମକୁ ଶାନ୍ତ, ସୁଧୀର ଓ ସୁନ୍ଦର କରି ତୋଳେ। ଏହି ଶୀତଳତା ଆମର ଭାବପ୍ରବଣତାକୁ ଶାନ୍ତ କରେ। ପାଲିଆ କହିଲା ବ୍ରହ୍ମା ବିଳିବିଳେଇଲେ କଣ ବେଦ। ଏକଥା କେଉଁଠି ଲେଖା ଅଛି। ପାଲାଗାୟକ କହିଲେ, ଆପ୍ଟେକଂ ସଂସ୍କୃତ ଇଂରାଜୀ ଅଭିଧାନ ପଢ଼। ସେଥିରେ ଏପରି ଲେଖାଯାଇଛି ।ରାମ ଶବ୍ଦ ଆମର ପାହାଡ଼ ପ୍ରମାଣ କଳୁଷତାକୁ ଉଚ୍ଚାରଣ ମାତ୍ରେ ଦୂର କରିଥାଏ ।ପାଲାଗାୟକ ଗୀତ ମାଧ୍ୟମରେ ବୁଝାଇ କହିଲେ କହିଲ ଦେଖି ରାମ, ଲକ୍ଷ୍ମଣ, ସୀତା ଅଯୋଧ୍ୟା ଛାଡ଼ି ଚାଲିଯାଉଥିବା ସମୟରେ ଅଯୋଧ୍ୟା ଜନମାନବଶୂନ୍ୟ ହୋଇଯାଇଥିଲେ। ରାମ ଜନତାଙ୍କୁ ପାଖରେ ଥିବା ଏକ ମନ୍ଦିର ନିକଟରେ ଶୋଇବା ପାଇଁ ନିର୍ଦ୍ଦେଶ ଦେଲେ। କିନ୍ତୁ ସକାଳ ହେଲା ବେଳକୁ ରାମ ଲକ୍ଷ୍ମଣ ସୀତା ଘୋର ଜଙ୍ଗଲ ମଧ୍ୟକୁ କାହିଁକି ପଳାଇ ଯାଇଥିଲେ।ପାଲିଆ ଗାୟକ କହିଲା ବୁଝିଲିରେ ବୁଝିଲି। ଲୋକେ ପାଟିରେ ରାମ ନାମ ଧରି ଏହା ସତ୍ୟ ବୋଲି କହି ଶବ ସହିତ ଶ୍ମଶାନ ପର୍ଯ୍ୟନ୍ତ ଯାଆନ୍ତି ଓ ଅଗ୍ନିରେ ଶରୀର ପୋଡ଼ି ହୋଇଯାଇ ଆତ୍ମା ପରମାତ୍ମାଙ୍କ ସହ ବିଲୀନ ହେବା ପରେ ଲୋକମାନେ କିଛି ସମୟ ଶ୍ମଶାନ ବୈରାଗ୍ୟକୁ ଧରି ସ୍ୱ-ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ସେହିପରି ଆତ୍ମାରାମଙ୍କୁ ପାଇବା ପାଇଁ କେହି ବି ଜଙ୍ଗଲ ଭିତରକୁ ଯାଇ ସନ୍ନ୍ୟାସ ଜୀବନଯାପନ କରନ୍ତି ନାହିଁ। ମୁଁ ଦେଖିଲି ସମସ୍ତେ ମୁହଁ ତଳକୁ କରିଛନ୍ତି ଓ ମାର ପିତାମାତାଙ୍କ ଶବାଧାରରେ ରାମନାମ କହି ଯିବାର ଅନୁଭୂତି ମନେ ପଡ଼ିଗଲା।ପାଲାଗାୟକ ଗୀତ ମାଧ୍ୟରେ ବୁଝାଇ କହିଲେ ରାମ ଏ ଆଶ୍ରମରୁ ସେ ଆଶ୍ରମକୁ, ଦିନ ଦିନ ଧରି ତପସ୍ୟାରତ ଋଷିମାନଙ୍କୁ ଦର୍ଶନ ଦେଉଥିବା ସମୟରେ ଭରତ ତାଙ୍କୁ ରାଜ୍ୟ ଫେରାଇ ଦେବାପାଇଁ ଆସିଲେ। ରାମ କହିଲେ ରାଜ୍ୟ ମୋର ନୁହେଁ ତୋର। ଭରତ କହିଲେ ତୁମେ ବଡ଼ଭାଇ ରାଜ୍ୟ ତୁମର। ରାମ କହିଲେ ମୁଁ ବଡ଼ ହୋଇପାରେ କିନ୍ତୁ ପିତା ତୁମକୁ ରାଜା କରିଛନ୍ତି। ଭରତ କହିଲେ, ବାପା କହିଥିଲେ ତୁମେ ରାଜା କିନ୍ତୁ ତା' ପରଦିନ ସକାଳୁ କହିଲେ ତୁମେ ଜଙ୍ଗଲକୁ ଯାଅ। ମୁଁ କେଉଁଟାକୁ ମାନିବି। ରାଜା କହିଲେ – ଦଶରଥ ରାଜା ହିସାବରେ ମେତେ ଜଙ୍ଗଲକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାପା ହିସାବରେ ନୁହେଁ। ଭରତ କହିଲେ ଠିକ୍ ଅଛି। ଯଦି ରାଜ୍ୟ ମୋର। ମୁଁ ତୁମକୁ ଦେଉଛି। ରାମ କହିଲେ – ସେପରି ହେବ ନାହିଁ, କାରଣ ମା'ଙ୍କ ବର ଅନୁଯାୟୀ ମୁଁ ୧୪ ବର୍ଷ ବଣକୁ ଯିବି ଓ ସେ ସମୟରେ ତୁମେ ରାଜା ରହିବ।

କିନ୍ତୁ ହାୟ! ପାଳିଆଗାୟକ କହିଲେ। ତମେ ଯାହା କଲଣି କୋର୍ଟ, କଚେରୀ, ସୁପ୍ରିମକୋର୍ଟ ସବୁ ଉଠାଇଦେବ। ଏ ଜମିବାଡ଼ି ଯଚାଯଚି ଆଜିକାଲି ନାହିଁ। ସେ ଶାଶ୍ୱତ ପ୍ରେମ ଆଜିକାଲି ବିରଳ। ଆଜିକାଲିର ପ୍ରେମ କୋର୍ଟ ପ୍ରେମ। ସୁପ୍ରିମକୋର୍ଟ ଯାଏଁ ପ୍ରେମ। ସମସ୍ତେ କୁହ "ଜୟ ସିୟାବର ରାମଚନ୍ଦ୍ର କି ଜୟ। ଜନତା ଏକ ସ୍ୱରରେ କହିଉଠିଲେ ଜୟ।

*ଅବସରପ୍ରାପ୍ତ ପ୍ରାଧାପିକା,*
*ସି.ଡି.ଏ. କଟକ,*
*ମୋ : ୯୬୯୨୯୮୦୦୨୬*

# ଇଣ୍ଡିଆ ଟୁ ଇଣ୍ଡୋନେସିଆ

ଅତୀତର ଏକ ସ୍ମରଣୀୟ ଘଟଣା। ସେତେବେଳେ ବ୍ରାହ୍ମଣୀ ନଦୀ ବନ୍ୟାରେ ଆଳି-କନିକା ଅଂଚଳର ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ବନ୍ୟାପ୍ଲାବିତ ଅଂଚଳରେ ଚୂଡ଼ା-ଗୁଡ଼ ବାଣ୍ଟିବା ପାଇଁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କେତେକ ଛାତ୍ରଙ୍କ ସହ ଏକ ଡଙ୍ଗାରେ ଯାଉଥିଲେ। ହଠାତ୍ ପବନରେ ଗୋପବନ୍ଧୁଙ୍କ ଛତାଟି ନଦୀରେ ପଡ଼ିଗଲା। ତତ୍‌କ୍ଷଣାତ କିଶୋରଟିଏ ନଦୀ ଭିତରକୁ ଲମ୍ଫ ଦେଇ ଛତାଟି ଧରି ପକାଇଲେ। କାତ ସାହାଯ୍ୟରେ ଡଙ୍ଗା ଉପରକୁ ଉଠି ଗୋପବନ୍ଧୁଙ୍କ ହାତରେ ଦେଲେ। ଏକଥା ଦେଖି ଗୋପବନ୍ଧୁ ତାଙ୍କ ପିଠିରେ ହାତମାରି କହିଲେ – ଆରେ! ବାବୁ ତୁମେ ଏ କ'ଣ କଲ? ତୁମ ଜୀବନଟା ବଡ଼ ନା ମୋ ଛତାଟା ବଡ଼? ସଙ୍ଗେ ସଙ୍ଗେ ସେ ଉତ୍ତର ଦେଲେ – ଆପଣ ନିଜ ଜୀବନକୁ ପାଣି ଛଡ଼ାଇ କେତେ ଲୋକଙ୍କ ସେବା କରୁଛନ୍ତି, ଆପଣଙ୍କ ଛତା ମୋ ଜୀବନଠାରୁ କିଛି କମ୍ ମୂଲ୍ୟବାନ ନୁହେଁ। ଗୋପବନ୍ଧୁ ତାଙ୍କୁ ଆଶୀର୍ବାଦ କରି କହିଲେ ଦିନେ ସେ ଖୁବ୍ ବଡ଼ ହେବେ। ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ ହେଲା। ସେ ହେଉଛନ୍ତି ବିଜୟାନନ୍ଦ ପଟ୍ଟନାୟକ – ସବୁରି ପ୍ରିୟ ବିଜୁ ପଟ୍ଟନାୟକ।

ବିଜୁ ପଟ୍ଟନାୟକ – କାହିଁ କେହିତ କୁହନ୍ତି ନାହିଁ ବିଜୟାନନ୍ଦ ପଟ୍ଟନାୟକ। ଏତେ ଲୋକପ୍ରିୟତା କାହିଁକି ଏହି ନାଁରେ। ନାଁଟିକୁ କହିଦେଲେ ମନରେ ହୃତ୍‌କମ୍ପ ସୃଷ୍ଟି ହୁଏ। ବଙ୍କିମ୍ ଚନ୍ଦ୍ରଙ୍କ 'ବନ୍ଦେମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ', କହିବା ପରି ଏକ ସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ। ସତେ ଯେମିତି ଓଡ଼ିଆ ସହିତ ବିଜୁ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକଙ୍କ ସହିତ ଓଡ଼ିଆ ଏକାକାର ହୋଇଯାଇଛନ୍ତି। ଖାଲି ସେତିକି ନୁହେଁ, କେହି କେହି ତାଙ୍କୁ ପ୍ରବାଦ ପୁରୁଷ, ମାଟିର ମୂର୍ତ୍ତିକାର, କଳିଙ୍ଗ ବୀର ଓ ଝଡ଼ର ଇଗଲ ବୋଲି କହିଥାନ୍ତି। ବିଜୁପଟ୍ଟନାୟକ ଏକାଧାରରେ ଥିଲେ ଜଣେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷକ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା। ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନଥିଲେ ଜୟ-ପରାଜୟ ଭିତରେ ଓ ସବୁକୁ ଖେଳୁଆଡ ମନୋଭାବରେ ଗ୍ରହଣ କରୁଥିଲେ। ସେ କଦାପି ଏଣୁ ତେଣୁ କଥା କହୁନଥିଲେ। ଯାହା ସେ ଥରେ ଚିନ୍ତା କରୁଥିଲେ , ତାକୁ କାମରେ କରି ଦେଖାଉଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ରାଜନୀତି କ୍ଷେତ୍ରରେ ବିଜୁପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ୧୯୪୭ ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ। ୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ। ପାରାଦ୍ୱୀପ ବନ୍ଦର ଏକ୍ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସହଯୋଗରେ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଙ୍ଗ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା। ୧୯୯୦ ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା। ପ୍ରଶାସନକୁ


ହିମାଂଶୁ ଶେଖର ଆଚାର୍ଯ୍ୟ

ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ। ଏହା ତାଙ୍କ ପାରିବାପଣିଆର ଏକ ନମୁନା ଥିଲା। ଏପରିକି ମୁଖ୍ୟମନ୍ତ୍ରୀ ଥିବା ବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ। ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ। ବିଜୁପଟ୍ଟନାୟକ ଜଣେ ଦକ୍ଷ ଓ ଦୁଃସାହସିକ ବୈମାନିକ ଥିଲେ।ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ। ନିଜର କୃତଜ୍ଞତା ଜଣାଇବାକୁ ଯାଇ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦କୋଟି ଟଙ୍କାର ଉପହାର ପ୍ରଦାନ କରିଥିଲେ । ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ମଧ୍ୟ ତାଙ୍କୁ ମିଳିଥିଲା । ମାତ୍ର ସେହି ସବୁ ଉପହାର ଫେରାଇ ଦେଇଥିଲେ ସେ ଏବଂ କହିଥିଲେ ଭାରତୀୟ କିଛି ନିଏ ନାହିଁ । ସତରେ ଏପରି ବଦାନ୍ୟତା ପୃଥିବୀ ଇତିହାସରେ ବିରଳ । ତାଙ୍କର ଏହି କାମ ପାଇଁ ଇଣ୍ଡୋନେସିଆ ନିକଟରେ ଭାରତ ମହାନ ହୋଇ ରହିଲା। ଛାତ୍ର ଅବସ୍ଥାରେ କଟକରୁ ପେଶୱାର ସାଇକେଲରେ ଯିବା, ପୋଲିସ୍ କର୍ଡନ୍ ଭାଙ୍ଗି ଗାନ୍ଧୀଙ୍କୁ ଦେଖିବାପାଇଁ ଯିବାବେଳେ ପୋଲିସ ଏସ୍.ପି. ହାରଗ୍ରୀଭ୍‌ଙ୍କଠାରୁ ଲାଠିମାଡ ଖାଇବା ଘଟଣା ତାଙ୍କ ଦୁଃସାହସିକତାର ନମୁନା ମାତ୍ର। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡଲାଟ୍ ୱାଭେଲ୍‌ଙ୍କ ପାଇଲଟ୍ ଥାଇ ସୁଦ୍ଧା ପୋଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ , ଅରୁଣା ଆଶଫ୍‌ଅଲ୍ଲୀ ଓ ରାମମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ ।ଏଥିପାଇଁ ତାଙ୍କୁ କାରାବରଣ କରିବାକୁ ପଡିଛି ସତ ମାତ୍ର ଦେଶପାଇଁ ହସି ହସି କାରବରଣ କରିଛନ୍ତି ସେ । ସେହିପରି ୧୯୬୨ ରେ ଚୀନ୍ ଭାରତ ଆକ୍ରମଣ କରିବା ସମୟରେ ସେନାମାନଙ୍କୁ ସହାୟତା କରିବାରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇନପାରେ । ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ । ସେ ଜାଣିଥିଲେ -କଳିଙ୍ଗାଃ ସାହସିକାଃ। ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ଟାଇଲ୍‌ସ ଓ କଳିଙ୍ଗପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ ।ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ବାସ୍ତବିକ୍ ମଧୁବାବୁଙ୍କ ପରେ ଓଡିଆର ଟେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି ।ଜୀବନ ଦୀପ ନିର୍ବାପିତ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ କେବଳ ଓଡିଆଙ୍କ କଥା ଚିନ୍ତା କରୁଥିଲେ। ଯୁବପିଢ଼ିଙ୍କୁ ସେ ସର୍ବଦା କହୁଥିଲେ-ଗୋଲାମୀ ନକରି ସ୍ୱାଧୀନ ହୁଅ ।ନିଜ ଗୋଡରେ ନିଜେ ଛିଡା ହୁଅ, ଅନ୍ୟପାଖରେ ହାତ ପତାଅ ନାହିଁ ।ଓଡିଆ ପୁଅର ବୀରତ୍ୱ ବଜାୟ ରଖ, ଓଡିଆର ସୁନାମ ରଖ, ଅଯଥାରେ ସମୟ ନଷ୍ଟକରନା, ଦେଶ କଥାଭାବ, ଦେଶ ପାଇଁ କାମ କରିବାକୁ ଆଗେଇ ଆସ। ଏତଦ୍ ବ୍ୟତୀତ ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ ।ତାଙ୍କ ବଳିଷ୍ଠ ଓ ସୁଠାମ ଚେହେରା ଥିଲା ଈଶ୍ୱର ଦତ୍ତ। ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳାଳୀ ମଧ୍ୟରେ ଜଣେ ଥିଲେ। ଯାହାଫଳରେ ସେ ରେଭେନ୍‌ସା-ବ୍ଲୁ ଦୁଇ ଥର ପାଇବାରେ ସକ୍ଷମ ହୋଇଥିଲେ। ଏପରିକି ପୋଲଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଥିଲେ। ଫୁଟବଲ ଖେଳପ୍ରତି ତାଙ୍କର ଅତିଶୟ ମୋହର ଅନ୍ୟ ଏକ ଉଦାହରଣ ୧୯୬୧-୬୨ ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ସେ ଆରମ୍ଭ କରିଥିଲେ । କେବଳ ସେତିକି ନୁହେଁ ଓଡିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ ।ଏଥିସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି ତାହା ପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି।

ବିଜୁ ପଟ୍ଟନାୟକଙ୍କ ଜନ୍ମ୧୯୧୬ ମସିହା ମାର୍ଚ୍ଚ ୫ ତାରିଖ ଓ ମୃତ୍ୟୁ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ। ଦୀର୍ଘ ୮୧ ବର୍ଷର ଜୀବନ ଯାତ୍ରା । ସେ ଜୀବନ ଆରମ୍ଭ ହୋଇଥିଲା କଟକସ୍ଥ ତୁଳସୀପୁର ଅନନ୍ଦ ଭବନରେ। ଆଉ ଶେଷ ହୋଇଥିଲା ପୁରୀର ସ୍ୱର୍ଗ ଦ୍ୱାରରେ। କେବଳ ଆମ ରାଜ୍ୟ ନୁହେଁ, "ଇଣ୍ଡିଆ ଟୁ ଇଣ୍ଡୋନେସିଆ" ପର୍ଯ୍ୟନ୍ତ ତାଙ୍କ କାର୍ଯ୍ୟ କୁଶଳତା ପରିବ୍ୟାପ୍ତ ଥିଲା।

ସଭାପତି ସାରସ୍ୱତ ପରିଷଦ
ଜଗତସିଂହପୁର
ମୋ : ୯୯୩୭୧୫୧୦୫୨

# ସ୍ୱପ୍ନ ପୂରଣର ଅଭିଳାଷ

ଆଜିକାଲି ରାଜନୀତିରେ ଜେଜେବାପା, ବାପାଙ୍କର ସ୍ୱପ୍ନ ପୁରଣର ଆକାଶଛୁଆଁ ଅଭିଳାଷ ରାଜନୈତିକ ପରିବାର ଭିତରେ । ସତରେ କିଏ କେତେ ସ୍ୱପ୍ନ ଦେଖିଥିଲେ ଆଉ ସେ ସ୍ୱପ୍ନ ସବୁ କେଉଁଠି ଲିପିବଦ୍ଧ ହୋଇ ରହିଛି, ସେକଥା ବି କାହାକୁ ଜଣାନାହିଁ । ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, କିନ୍ତୁ ଜେଜେବାପା ଆଉ ବାପା ଜିଇଁଥିବା ବେଳେ କେତେ ନିଜ ସ୍ୱପ୍ନ ସାକାର କରିଛନ୍ତି ଓ ଲୋକମାନଙ୍କର , ସମାଜର,ଦେଶର କେତେ ସ୍ୱପ୍ନ ପୁରଣ କରିଛନ୍ତି, ସେକଥା ସମୟ ଜାଣିଛି । 'ବ୍ରାହ୍ମଣ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ନ୍ୟାୟରେ ଚାଲିଛି ଶାସନ । ଏମିତି ଭାବନା ଆଗରୁ ଥିଲା ଆଉ ଏବେବି ଅଛି ଆମ ମାନସିକତାରେ । ବେଳେ ବେଳେ ସମୟ ମିଳିଲେ ମୋତେ ମୋ ଜେଜେବାପା ବୟସର ଲୋକଙ୍କ ସହିତ ଗପିବାକୁ ଭାରି ଭଲଲାଗେ । ବୟସ୍କ ବିଜ୍ଞ ବ୍ୟକ୍ତି ମାନଙ୍କ ସହିତ କଥା ହୋଇ ସେମାନେ ଅତୀତରେ ଦେଖିଥିବା ସମୟ, ବର୍ତ୍ତମାନର ସମୟ, ତାଙ୍କ ମନର ଭାବନା ଓ ସ୍ୱପ୍ନକୁ ଜାଣିବା ପାଇଁ ଭାରି ଇଚ୍ଛା ହୁଏ । ନିକଟରେ ସୁଯୋଗ ମିଳିଥିଲା ଏମିତି ଜଣେ ଅଳ୍ପ ପାଠ ପଢିଥିବା ବୟସ୍କ କିନ୍ତୁ ବିଜ୍ଞ ବ୍ୟକ୍ତିଙ୍କ ସହିତ କଥା ହେବାର । ସମ୍ମାନସ୍ପଦ ମଉସା ଜଣଙ୍କ ତାଙ୍କ ମନର ଭାବନା ଓ ସ୍ୱପ୍ନକୁ ବଖାଣି ଥିଲେ ବେଶ୍ ସୁନ୍ଦର ଭାବରେ ଯାହା ମୁଁ ଆପଣମାନଙ୍କ ଆଗରେ ଉପସ୍ଥାପନା କରୁଛି । 'ମୁଁ ଏମିତି ଏକ ସମାଜ ଦେଖିବାକୁ ଚାହୁଁଛି, ଯେଉଁଠି ନଥିବ ଈର୍ଷା, ଦ୍ୱେଷ, କ୍ରୋଧ, ଅହଂକାର,ଅହମିକା, ପାପ, ବ୍ୟଭିଚାର, ଶୋଷଣ, ଅତ୍ୟାଚାର ଓ ପରଶ୍ରୀକାତରତା । ଏମିତି ଏକ ସୁସ୍ଥ ସୁନ୍ଦର ସମାଜର ସ୍ୱପ୍ନ ମୁଁ ଦେଖୁଛି ଯେଉଁଠି ନଥିବ ଭୋକର ବିକଳ ଭୂଗୋଳ ନଗଡାର ଚିତ୍ର । ସବୁ ଲୋକମାନଙ୍କ ପାଖରେ ବଂଚିବାର, ଜୀବନ ଜିଇଁବାର ସର୍ବନିମ୍ନ ଆବଶ୍ୟକତା ଥିବ । ଖାଦ୍ୟ ବସ୍ତ୍ର ବାସଗୃହର ଅଭାବ ନଥିବ ଓ ମାଗଣାରେ ମିଳୁଥିବ ସମସ୍ତ ସ୍ୱାସ୍ଥ୍ୟସେବା ଓ ଶିକ୍ଷା । ବିଦ୍ୟାଳୟ ଠାରୁ ବିଶ୍ୱବିଦ୍ୟାଳୟର ପର୍ଯ୍ୟନ୍ତ ସବୁ ଶିକ୍ଷାନୁଷ୍ଠାନ ହେଇଥିବ ସୁନ୍ଦର ଆକର୍ଷଣୀୟ ଓ ପ୍ରତି ଶିକ୍ଷାନୁଷ୍ଠାନରେ ଥିବେ ଭଦ୍ର ,ମାର୍ଜିତ, ସମୟାନୁବର୍ତ୍ତୀତାକୁ ଭଲପାଉଥିବା ଦେଶପ୍ରେମୀ ଉଚ୍ଚ ଶିକ୍ଷିତ ଶିକ୍ଷକ ଯେଉଁମାନଙ୍କ ଭିତରେ ଥିବ କର୍ତ୍ତବ୍ୟ ପରାୟଣତା ପ୍ରତି ଗଭୀର ନିଷ୍ଠା । ପ୍ରତିଟି ଶିକ୍ଷାର ମନ୍ଦିରରେ ସିଲାବସ୍ ଅନୁସାରେ ପାଠ ପଢ଼ା ସହିତ, ଶାରିରୀକ ଶିକ୍ଷା,ନୀତି ନୈତିକତା , ଦେଶପ୍ରେମ ,ମଣିଷ ପଣିଆ, ସେବା ମନୋଭାବ, ସଂସ୍କୃତି ,ସଂସ୍କାର ଓ ସଭ୍ୟତା ବିଷୟରେ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିବ । ସେହି ଶିକ୍ଷାନୁଷ୍ଠାନ ମାନଙ୍କରୁ ଖାଲି ଟଙ୍କା ତିଆରି ମେସିନ୍ ବାହାରିବା ବଦଳରେ ବାହାରିବେ ହଜାର ହଜାର ସଂଖ୍ୟକ ଦେଶପ୍ରେମୀ ସୁଶିକ୍ଷିତ ଯୁବକ ଯୁବତୀ ଯେଉଁମାନେ ଦେଶର ଉନ୍ନତି ଓ ପ୍ରଗତିରେ ହେବେ ବାହାକ । ସେମାନଙ୍କ ଭିତରେ ଖୁନ୍ଦି ହୋଇ ରହିଥିବ ଦୃଢ଼ ମନୋବଳ, ଅସୀମ ଇଚ୍ଛାଶକ୍ତି ଓ ଅଟଳ ଆତ୍ମ ବିଶ୍ୱାସ ଯାହା ଜୀବନ ରାସ୍ତାରେ ଆସୁଥିବା ପ୍ରତ୍ୟେକ ସମସ୍ୟାକୁ ସହଜରେ ସାମ୍ନା କରିବାକୁ ତାଙ୍କୁ ସାହାଯ୍ୟ କରୁଥିବ । ପ୍ରତି ଡାକ୍ତରଖାନାରେ ଥିବେ ଆବଶ୍ୟକତା ମୁତାବକ ଡାକ୍ତର ଓ ଆଧୁନିକ ଚିକିତ୍ସା ପଦ୍ଧତିରେ ରୋଗ ନିରୂପଣ ଓ ନିରାକରଣର ସମସ୍ତ ସୁବିଧା । ଏହି ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟତିତ ଆଉ କୋ ?ଣସି ଲୋଭନୀୟ ସେବା ମାଗଣାରେ ଲୋକଙ୍କୁ ଦିଆଯିବ ନାହିଁ । ପ୍ରତିଟି ଗାଁକୁ ଥିବ ଯୋଗାଯୋଗ ଓ ଗମନାଗମନର ଭଲ ବ୍ୟବସ୍ଥା । ଗାଁ ଓ ସହର ଭିତରେ ଥିବା ତାରତମ୍ୟକୁ କମେଇବା ପାଇଁ ସମୟାନୁସାରେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆ ଯାଉଥିବ । ଯେହେତୁ ଗାଁରେ ଅଧିକ ଲୋକ ରହୁଛନ୍ତି ଓ ସେମାନେ କୃଷି ଉପରେ ପ୍ରାୟତଃ ନିର୍ଭରଶୀଳ, କୃଷି ଓ କୃଷକର ଉନ୍ନତି ପାଇଁ ଯାହା ଯାହା ପଦକ୍ଷେପ ନିଆଯିବା କଥା, ସେ ସମସ୍ତ ପଦକ୍ଷେପ ତୁରନ୍ତ ନିଆଯିବା ଦରକାର । ଜମିକୁ ଜଳସେଚନର ବ୍ୟବସ୍ଥା ସହିତ ଅତ୍ୟାଧୁନିକ ବୈଷୟିକ ଓ ବୈଜ୍ଞାନିକ ଜ୍ଞାନ କୌଶଳରେ କୃଷକ କେମିତି ଚାଷକାମ କରି ପାରିବ ଓ କୃଷିକ୍ଷେତ୍ରରୁ ଉତ୍ପାଦିତ ସାମଗ୍ରୀକୁ ଉଚିତ୍ ମୂଲ୍ୟରେ ବିକ୍ରୟ କରି ଲାଭବାନ ହେବ ସେ ଦିଗରେ ଯଥେଷ୍ଟ ଧ୍ୟାନ ଦେବାର ଅଛି । ଧାନ ଚାଷ ସହିତ,ବାଜରା,ଗହମ,ମକା, ମାଣ୍ଡିଆ, ସୋରିଷ,ଆଳୁ , ପିଆଜ ଓ ବିଭିନ୍ନ ପରିବା ଆଦି ଚାଷ ଉପରେ ବି ଗୁରୁତ୍ୱ ଦିଆଯିବା ଦରକାର । କୁକୁଡା ଚାଷ, ମତ୍ସ୍ୟ ଚାଷ,ଗୋପାଳନ ଇତ୍ୟାଦି ଉପରେ ଗୁରୁତ୍ୱ ଦେଇ କୃଷକର ମେରୁଦଣ୍ଡକୁ ଅଧିକ ମଜଭୁତ କରିବାର ଅଛି କାରଣ ଓଡ଼ିଶାର ହେଉ କି ଭାରତର, ସତୁରି ଭାଗରୁ ଅଧିକ ଲୋକ କୃଷିଭିତ୍ତିକ ଜିବିକା ଉପରେ ନିର୍ଭରଶୀଳ । ତେଣୁ କୃଷି ଓ କୃଷକର ଉନ୍ନତି ଅର୍ଥ ଦେଶର ପ୍ରଗତି । ଅନ୍ତତଃ ପ୍ରତି ବ୍ଲକ୍ ସ୍ତରରେ ଗୋଟିଏ ଲେଖାଏଁ କୋଲ୍ଡ ଷ୍ଟୋରେଜ ରହିବାର ବନ୍ଦୋବସ୍ତ ହେବା ଦରକାର ଯେଉଁଠି ଚାଷୀମାନେ ସେମାନଙ୍କର ଉତ୍ପାଦିତ ବଳକା ସାମଗ୍ରୀକୁ ଆଇନ୍ ଅନୁସାରେ ଧାର୍ଯ୍ୟ ମୂଲ୍ୟ ଦେଇ ରଖି ପାରିବେ । ଓଡ଼ିଶା ଓ ଭାରତରେ ଜଳ, ଖଣି ଖାଦାନର ଅଭାବ ନାହିଁ । ନୂତନ ଟେକ୍ନୋଲୋଜିର ଉଦ୍ଭାବନ ଓ ବିଜ୍ଞାନ ଦ୍ରୁତ ଗତିରେ ଅଗ୍ରସର ହେଇ ଚାଲିଛି । ତେଣୁ ପରିବେଶର ସନ୍ତୁଳନତା ରକ୍ଷାକରି ଯେତେଦୂର ସମ୍ଭବ ନୂଆ କଳକାରଖାନା ପ୍ରତିଷ୍ଠା ହେଉ ଯେଉଁଠି ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତିର ସୁଯୋଗ ମିଳିବ ।କୋଇଲା, ଲୁହାପଥର ବିଦେଶକୁ ରପ୍ତାନୀ କରି ଯେତେ ଲାଭ ମିଳୁଛି, ତାକୁ ନିଜ ଦେଶରେ ଯଦି କଳକାରଖାନା ତିଆରି କରି ବ୍ୟବହାର କରାଯାଇ ପାରନ୍ତା, ତାହେଲେ ବହୁ ଗୁଣରେ ଦେଶର ଲାଭ ହୁଅନ୍ତା । ବେକାରୀ ସମସ୍ୟାର ସମାଧାନ ହେବା ସହିତ ଦେଶର ଦ୍ରୁତ ଅର୍ଥନୈତିକ ବିକାଶ ଆସି ପାରନ୍ତା । କଳକାରଖାନାରୁ ବାହାରୁଥିବା ଧୂଳିକଣା, ଧୂଆଁ ଓ ବିଷାକ୍ତ ଗ୍ୟାସ ସମସ୍ୟାର ସମାଧାନ ପାଇଁ ପୁରୁଣା ଜଙ୍ଗଲର ସୁରକ୍ଷା ସହିତ ଯେତେ ସମ୍ଭବ ନୂଆ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ଦେବା ନିହାତି ଜରୁରୀ । ମୋତେ ବାବା, ନବେ ବର୍ଷ ପାଖାପାଖି ହେଲାଣି । ମୋ ହେତୁ ହେବା ଦିନଠାରୁ ମୁଁ ଏ ପବିତ୍ର ଭାରତବର୍ଷର ନେତାମାନଙ୍କୁ ଦେଖି ଆସୁଛି ଯେଉଁମାନଙ୍କ ଭିତରୁ


ଭାସ୍କର ବାରିକ୍

ଅଧିକାଂଶ ନିଜର ସ୍ୱାର୍ଥ, ଦଳୀୟ ସ୍ୱାର୍ଥ ଆଉ ବିଚାର କରନ୍ତି , ଦେଶର ହିତ ଓ ଦେଶର ଉନ୍ନତି ସେମାନଙ୍କ ପାଇଁ ପଛ । ସାଧୁତା ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଦୂରଦୃଷ୍ଟିର ଅଭାବ ପାଇଁ ଏ ଦେଶ ଏକ ବିକାଶଶୀଳ ଦେଶ ଭାବରେ ଗଣା ହେଉଛି । କେଉଁଥିରେ ଅଭାବ ନଥାଇ ଶସ୍ୟଶ୍ୟାମଳାପୂର୍ଣ୍ଣ ଏ ଦେଶ କାହିଁକି ପଛରେ ରହିବ । ସ୍ୱାଧୀନତା ପ୍ରାପ୍ତିର ପାଖାପାଖି ଆଠ ଦଶନ୍ଧି ପରେ ବି ବହୁତ ଲୋକଙ୍କ ପାଖରେ ରହିବା ପାଇଁ ଘର ଖଣ୍ଡେ ନାହିଁ । ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ନାହିଁ । ନାହିଁ ନାହିଁରେ ଚାଲିଛି ଜୀବନ ଧକେଇ ଧକେଇ । କାହିଁକି ମୋ ରାଜ୍ୟ ଓଡ଼ିଶାର ଲୋକମାନେ ଅନ୍ୟ ରାଜ୍ୟକୁ ଦାଦନ ଶ୍ରମିକ ହୋଇ ଯିବେ ଓ ଅତ୍ୟାଚାରର ଶିକାର ହେବେ ? ? ? ଗରୀବ୍ ହଟାଓ ଅଭିଜାନ ନାରାର ଅନ୍ତ ହେଉନି । ବୋଧହୁଏ ଗରୀବ୍ ହଟିଗଲେ, ଲୋକମାନେ ଶିକ୍ଷିତ ଓ ଦେଶପ୍ରେମୀ ହେଲେ, ନେତାମାନେ ଆଉ ଲୋକମାନଙ୍କୁ ସହଜରେ ଭକୁଆ ବନେଇ ପାରିବେନି । ଗରୀବ୍ ହଟାଇବା ଅଭିଜାନ ନାମରେ ବିଭିନ୍ନ ଯୋଜନା କରି ନିଜ ପକେଟ୍ ଭରିବାର ସୁଯୋଗ ପାଇବେନି । ଭଗବାନ ଜାଣନ୍ତି ଆହୁରି କେତେ ବର୍ଷ ଲାଗିବ ଏ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ । ଅନେକ ବିଦେଶୀ ଶକ୍ତି ଏ ଦେଶକୁ ବାରମ୍ବାର ଲୁଣ୍ଠନ କରିଛନ୍ତି । ଏବେବି କିଛି ଲୋକ ସେହି ବିଦେଶୀ ଲୁଣ୍ଠନକାରୀ , ଅତ୍ୟାଚାରୀ ପଶୁଙ୍କର ବଂଶଧର ଭଳିଆ ଆଚରଣ ପ୍ରଦର୍ଶନ କରୁଛନ୍ତି ଯାହା ମୁଁ ଟିଭିରେ ଦେଖୁଛି ଓ ଖବରକାଗଜରେ ପଢୁଛି । ଏଭଳି ଲୋକଙ୍କୁ ଜେଲ୍ ର ଅନ୍ଧାର ସେଲ୍ ଭିତରେ ରଖି ଖଟେଇ ଖଟେଇ ମାରିବା କଥା । ମୋର ସ୍ୱପ୍ନ ଆକୁମାରୀ ହିମାଚଳ ଏ ବିଶାଳ ଦେଶରେ ଶାନ୍ତି ଓ ପ୍ରଗତିର ବିଜୟ ଧ୍ୱଜା ଉଡୁ । ଧର୍ମ ଆଧାରରେ ଏ ଦେଶ ଭାଗ ଭାଗ ହୋଇଛି ହାତ ଗଣତି କେଇଜଣ ମୁଷ୍ଟିମେୟ ମଣିଷ ମାନଙ୍କ ସ୍ୱାର୍ଥ ପାଇଁ । ଯାହା ହୋଇଛି ତ ହୋଇଛି , ଆଉ ନୁହେଁ । ଯେଉଁମାନେ ଏ ଦେଶର ଚିକେନ ନେକ୍ କାଟିବା କଥା କହୁଛନ୍ତି, ବେଳେ ବେଳେ ଉଦ୍ଭ୍ରାନ୍ତ ହୋଇ ଦେଶ ବିରୋଧରେ ନାରାବାଜି କରୁଛନ୍ତି , ସେମାନଙ୍କୁ ଓ ସେମାନଙ୍କର ପୃଷ୍ଠପୋଷକ ମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାର ତୁରନ୍ତ ବ୍ୟବସ୍ଥା କରାଯାଉ । ଏଭଳି ଅମଣିଷ ପଶୁ ମାନଙ୍କ ପାଇଁ କୋ ?ଣସି ଦୟା କ୍ଷମା ନାହିଁ । ଭୋଟ୍ ପାଇଁ ଯେଉଁମାନେ ସେମାନଙ୍କ ପାଇଁ ଓକିଲାତି କରୁଛନ୍ତି, ସେମାନେ ତାଙ୍କ ଦେଶଭକ୍ତିର ପରିଚୟ ଦେଉଛନ୍ତି । ଧିକ୍ ସେମାନଙ୍କ ମଣିଷ ପଣିଆ କୁ ।ଗୋଟେ ଦେଶର ଉନ୍ନତି ପ୍ରଗତି, ସାହିତ୍ୟ, ସଂସ୍କୃତି, ସଂସ୍କାର ସଭ୍ୟତା, ଶାନ୍ତି ଓ ସୁରକ୍ଷା ବହୁତ ବଡ଼ କଥା । ଏ ଦେଶକୁ ଯେଉଁମାନେ ଏକ ଅନାଥାଶ୍ରମ ଭାବି ଲୁଚି ଛପି ବେଧଡକ ପଶି ଆସୁଛନ୍ତି ଓ ସେମାନଙ୍କୁ ଭୋଟର କାର୍ଡ,ରେସନ କାର୍ଡ,ଆଧାର କାର୍ଡ ଇତ୍ୟାଦି ଯୋଗେଇ ଦେଇ ଭୋଟ୍ ପାଇଁ ଯେଉଁମାନେ ଯାତ୍ରା କରୁଛନ୍ତି , ସିଏଏ ଓ ଏନଏଆରସି କୁ ବିରୋଧ କରିବା ନାମରେ ବିରୋଧ କରୁଛନ୍ତି , ସେମାନେ ନିଜର ବିବେକକୁ ଥରେ ପଚାରିବା ଦରକାର, ସେମାନେ କାହା ସ୍ୱାର୍ଥ ପାଇଁ ଏମିତି କରୁଛନ୍ତି । ସେମାନଙ୍କ ପାଇଁ ଦେଶର ସ୍ୱାର୍ଥ ବଡ଼ ନା ବ୍ୟକ୍ତିଗତ ସ୍ୱାର୍ଥ ଓ ଦଳୀୟ ସ୍ୱାର୍ଥ ବଡ଼ ଏହି ଇନଫିଲିଟ୍ରେଟରସ୍ ମାନେ ଦେଶର ଡେମୋଗ୍ରାଫିକୁ ପରିବର୍ତ୍ତନ କରିବାରେ ବ୍ୟସ୍ତ । ଏହିମାନେ ବି ବିଭିନ୍ନ ଚୋରି ଡକାୟତି ଅପରାଧରେ ସଂପୃକ୍ତ । ଆରେ ଦେଶ ସିନା ଆଗ ସୁରକ୍ଷିତ ରହିବା ଦରକାର । ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା ଓ ସୁରକ୍ଷା ଉପରେ ଗଭୀର ଭାବରେ ଚିନ୍ତା କରିବାର ଅଛି । ଗୋଟେ ଗୋଟେ ନିର୍ବାଚନ ମଣ୍ଡଳୀରେ ତିନି ପୁରୁଷ ଧରି ଗୋଟିଏ ଗୋଟିଏ ପରିବାର ନିଜର ଆଧିପତ୍ୟ ଜାହିର କରି ଚାଲିଛନ୍ତି । ଜେଜେବାପା, ବାପା ଆଉ ଏବେ ନାତି । ଜେଜେବାପା ଓ ବାପା ଏତେଦିନ କ୍ଷମତାରେ ରହିବା ଭିତରେ ଦେଖିଥିବା ସ୍ୱପ୍ନ ପୁରଣ କରି ପାରିଲେନି । ସେମାନେ ଦେଖିଥିବା ସ୍ୱପ୍ନକୁ ପୁଅ କିମ୍ବା ନାତି ପୂରଣ କରିବ । କେବଳ ରାଜନୈତିକ ବ୍ୟକ୍ତିମାନେ ଓ ତାଙ୍କ ପରିବାରର ଲୋକମାନେ ସ୍ୱପ୍ନ ଦେଖନ୍ତି । ବାଃ, କି ଚମତ୍କାର !!! ସେମାନେ କାହା ସ୍ୱପ୍ନ ପୁରଣ କରନ୍ତି ସତରେ, ନିଜର ନା ଯେଉଁମାନେ ସେମାନଙ୍କୁ ଭୋଟ୍ ଦେଇ ନିର୍ବାଚିତ କରିଥାନ୍ତି । ଆଉ ଆମ ଲୋକମାନେ ବି ଭକୁଆ । କେଇଖଣ୍ଡ କାଗଜ କୁକୁଡା,ମିଛ ଆଶ୍ୱାସନା, ମଦିରା ଓ ମାଉଁସ ଭୋଜିଭାତରେ ଭଳି ଯାଇ ବିବେକକୁ ବଳୀ ପକେଇ ଦିଅନ୍ତି । ମାଗଣାର ଲୋଭ ସେମାନଙ୍କୁ ଭୁଲ୍ ବାଟରେ ନିଏ ,କର୍ମ କୁଡ଼ୀ କରିଦିଏ । ଶିକ୍ଷା ଓ ସ୍ୱାସ୍ଥ୍ୟସେବା କୁ ଛାଡି ଆଉ କୋ ?ଣସି ମାଗଣା ଯୋଜନା ହେବା ଅର୍ଥ ଦେଶର ଅବନତି । ମାଗଣା ଯୋଜନାରେ ଖର୍ଚ୍ଚ ହେଉଥିବା ଟଙ୍କା ଗଛରେ ଫଳେନି । ସେହି ଟଙ୍କା ବିଭିନ୍ନ ଉପାୟରେ ଲୋକ ମାନଙ୍କ ପକେଟରୁ ଯାଏ । ମାଗଣା ଦେଇ ଲୋକମାନଙ୍କର ଉନ୍ନତି କେବେ ସମ୍ଭବ ନୁହେଁ । ମାଗଣା ଯୋଜନା ପାଇଁ ବିଶ୍ୱରେ କିଛି ଦେଶ ଦେବାଳିଆ ହେବା ଓ ଭୟଙ୍କର ଅର୍ଥନୀତିର ସାମ୍ନା କରିବା କ'ଣ ଆମ ଦେଶର ନେତାମାନେ ଦେଖି ପାରୁ ନାହାନ୍ତି ନା ଦେଖିବି ଅନ୍ଧ ଧୃତରାଷ୍ଟ୍ରର ଅଭିନୟ କରୁଛନ୍ତି ନିଜର ସ୍ୱାର୍ଥ ପାଇଁ । ମାଗଣା ଚାଉଳ ଯୋଜନା, ଛତା ଯୋତା କମ୍ବଳ ଯୋଜନା, ମଝିରେ ମଝିରେ ହଜାରେ ଦୁଇ ହଜାର ଟଙ୍କା ପ୍ରଦାନ, ଏସବୁର ମାନେ କିଛି ନାହିଁ । ଶିକ୍ଷିତ ଯୁବକମାନଙ୍କୁ ବେକାରୀ ଭତ୍ତାର ଲୋଭ ଦେଖେଇ ବାଟବଣା କରିବା ଏକ ଧର୍ତ୍ତବ୍ୟ ଅପରାଧ ସଦୃଶ । ମଉସାଙ୍କ ମୁହଁରୁ ଏମିତି କଥା ଶୁଣିବା ପରେ ମୁଁ ଭାବୁଥିଲି ଜଣେ ଅଧା ପାଠୁଆର ମନ ଓ ମସ୍ତିଷ୍କ ଯେଉଁ ସ୍ୱପ୍ନ ଦେଖୁଛି, ସେମିତି ସ୍ୱପ୍ନ ବୋଧହୁଏ ଆଉ କେହି ଦେଖି ନଥିବେ । ସତରେ କ'ଣ ଏହି ମଉସାଙ୍କ ହୃଦୟରୁ ବାହାରୁଥିବା କଥା ସତ୍ୟ ହେବ ଯଦି ହେବ ଆଉ କେତେ ଦଶନ୍ଧି ପରେ ଯେଉଁମାନେ ବାପା ଜେଜେବାପାର ସ୍ୱପ୍ନ ପୁରଣ କରିବା ନାମରେ ଭୋଟ୍ ରାଜନୀତିରେ ଅନୁକମ୍ପା ମୂଳକ ଭୋଟ୍ ପାଇ ଜିତିକି ଆସୁଛନ୍ତି, ସେମାନଙ୍କର ପାରିବା ପଣିଆ ବିଷୟରେ କହିବାର କିଛି ନାହିଁ । ଅବଶ୍ୟ ବେଳେ ବେଳେ ନିପୋଟିଜିମ୍ ଓ ଅନୁକମ୍ପା ଯୋଗୁଁ କିଛି ଭଲ ଯୁବନେତା ମୈଦାନକୁ ଆସୁଛନ୍ତି ଯଦିଓ ସେମାନଙ୍କ ସଂଖ୍ୟା ବହୁତ ନଗଣ୍ୟ । ଉପକୂଳ ଓଡିଶାରୁ ଜଣେ ଯୁବନେତା ତାଙ୍କ ବାପାଙ୍କର ଦେହାନ୍ତ ପରେ ଟିକେଟ ପାଇ ଅନୁକମ୍ପା ମୂଳକ ଭୋଟ୍ ପାଇ ଜିତିଲେ । କିନ୍ତୁ ସେହି ଯୁବନେତାଙ୍କ ନାମରେ କିଛି ଯୁବତୀଙ୍କ ସହିତ ହେକି ସମ୍ପର୍କ ଓ ଧୋକ୍କା ବାଜିର ଖବର ହାଟରେ ପଡ଼ି ଦାଣ୍ଡରେ ଗଡୁଛି । ଜେଜେବାପା ପରେ ପୁଅ, ପୁଅ ପରେ ନାତି,ବାପା ପରେ ଝିଅ , ସ୍ୱାମୀ ପରେ ସ୍ତ୍ରୀ,ଏମିତି ରାଜନୀତିରେ ପରିବାରବାଦକୁ ପ୍ରୋତ୍ସାହନ ମିଳୁଛି । ସତେ ଯେମିତି ସେହିମାନେ ନେତା ହେବା ପାଇଁ ଉପରୁ ଲାଇସେନ୍ସ ଧରି ଆସିଛନ୍ତି । ଏଇଟା ଗଣତନ୍ତ୍ର ଭିତରେ ଏକ ପ୍ରକାର ରାଜତନ୍ତ୍ର ନୁହେଁ କି ? ପ୍ରତିବର୍ଷ ଜଣେ ନିର୍ବାଚିତ ଲୋକ ପ୍ରତିନିଧି ତାଙ୍କ ନିର୍ବାଚନ ମଣ୍ଡଳୀରେ କ'ଣ କ'ଣ ସବୁ ମହତ୍ୱପୂର୍ଣ୍ଣ କାମ କରିଛନ୍ତି, ତାହା ସାର୍ବଜନୀନ ହେବା ଦରକାର ଲୋକଙ୍କ ଜାଣିବା ପାଇଁ । ଅପରାଧୀ ଓ ଅପରାଧ ପୃଷ୍ଠଭୂମି ଥିବା କୋ ?ଣସି ଲୋକଙ୍କୁ ରାଜନୈତିକ ମୈଦାନକୁ ଆସିବାର ସୁଯୋଗ କୋ ?ଣସି ରାଜନୈତିକ ଦଳ ନଦିଅନ୍ତୁ । ସରକାରୀ ଚାକିରିଆ ଜଣେ ଷାଠିଏ ବର୍ଷ ଛୁଇଁଲେ ଅବସର ନେଉଛି କିନ୍ତୁ ଜଣେ ରାଜନେତା ପାଇଁ ରାଜନୀତିରୁ ଅବସର ନେବାର କୋ ?ଣସି ବୟସ ସୀମା ଅଛିକି ? ଜଣେ ସରକାରୀ ଚାକିରିଆ ପାଇଁ ଅବସର ପରେ ପେନସନ୍ ନାହିଁ କିନ୍ତୁ ଜଣେ ବ୍ୟକ୍ତି ଉପରେ ଥରେ କେଇ ମାସ ବା ବର୍ଷ ପାଇଁ ଏମେଲେଏ ବା ଏମପିର ଷ୍ଟାମ୍ପ ବସିଗଲେ ମରିବା ଯାଏ ବିଭିନ୍ନ ଅର୍ଥନୈତିକ ସୁବିଧା । ଆମ ଭାବନାରେ, ଚିନ୍ତାରେ, ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଦରକାର । ପାଣି ଯେତେ ସ୍ୱଚ୍ଛ ନିର୍ମଳ ହେଉ, ଯଦି ରଖିବା ପାତ୍ରଟି ପରିଷ୍କାର ନୁହେଁ, ତାହେଲେ ଜଳର ମୂଲ୍ୟ ନାହିଁ । ଠିକ୍ ସେମିତି ମନ ହୃଦୟରେ ଆମେ ଯଦି ଅସ୍ୱଚ୍ଛ, ଶାଗୁଣା ପ୍ରକୃତି ଯଦି ଆମ ଭିତରେ ଅଛି, ତାହେଲେ ଦେଶର, ରାଜ୍ୟର, ସାଧାରଣ ଲୋକମାନଙ୍କର ସ୍ୱପ୍ନ ପୁରଣ ହେବା ନିଶ୍ଚିତ ଭାବରେ ଅନିଶ୍ଚିତ । ଏବେ ଦେଖିବାକୁ ବାକି ରହିଲା ବୃଦ୍ଧ ମଉସାଙ୍କ ହୃଦୟର କଥା କେବେ ସତ ହେଉଛି ଆମ ଦ୍ୱାରା ଆଉ ଆମ ରାଜନେତା ଓ ଅଧିକାରୀ ମାନଙ୍କ ଦ୍ୱାରା । ଈଶ୍ୱର କରନ୍ତୁ ମଉସାଙ୍କ ସ୍ୱପ୍ନ ପୁରଣ ହେଉ ଓ ଆମ ଭିତରେ ସଦବୁଦ୍ଧି ଜାଗ୍ରତ ହେଉ ଓ ଏ ଦେଶ ବିଶ୍ୱରେ ଅଦ୍ୱିତୀୟ ରାଷ୍ଟ୍ର ଭାବରେ ପରିଗଣିତ ହେଉ ସବୁ କ୍ଷେତ୍ରରେ ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*




## ଟ୍ରକ୍‌କୁ ପିଟିଲା ପିକଅପ୍ ଭ୍ୟାନ୍, ଜଣେ ଚାଳକ ମୃତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ରଥିଆ ଛକ ନିକଟ ୧୬ନମ୍ବର ଜାତୀୟ ରାଜପଥରେ ଗତ ସୋମବାର ବିଳମ୍ବିତ ରାତିରେ ଟ୍ରକ୍ ପଛରେ ଏକ ପିକଅପ୍ ଭ୍ୟାନ୍ ପିଟି ହୋଇ ଯାଇଥିଲା । ଏଥିରେ ପିକଅପ୍ ଭ୍ୟାନ୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଭଦ୍ରକ ଥାନା ପୁରୁଣାବଜାର ଅଲାରପୁର ଗ୍ରାମର ଇବ୍ରାହିମ୍ ରସିଦ୍ ଖାଁଙ୍କ ପୁଅ ଜାଭେଦ୍ ଖାଁ(୩୫) । ପ୍ରକାଶ ଯେ, ଏକ ପରିବା ବୋଝେଇ ପିକଅପ୍ ଭ୍ୟାନ୍ ଚଣ୍ଡିଖୋଲ ପଟୁ ବାରବାଟି ଆଡ଼େ ଯାଉଥିଲା । ଏହି ସମୟରେ ରଥିଆ ଛକ ନିକଟରେ ପିକଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ସାମ୍ନାରେ ଯାଉଥିବା ଟ୍ରକ୍ ପଛରେ ପିଟି ହୋଇ ଯାଇଥିଲା । ଫଳରେ ଘଟଣାସ୍ଥଳରେ ପିକଅପ୍ ଭ୍ୟାନ୍ ଚାଳକଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଁଚି ମୃତଦେହ, ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ୍ ଓ ଟ୍ରକ୍‌କୁ ଜବତ କରିଛି । ପୁଲିସ୍ ୨୮୪/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦ' କରୁଛି । ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଛେଦ କରାଯାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତା'ର କରାଯାଇଛି ।

## ବିଦ୍ୟାଳୟକୁ ବଦ୍‌ନାମ କରିବାକୁ ହୀନ ଚକ୍ରାନ୍ତ କରାଯାଉଛି

ଧର୍ମଶାଳା,୧୬।୪(ପିଏନ୍): ଧର୍ମଶାଳା ବ୍ଲକ୍ ଥାନୁଆଳ ପଂଚାୟତ ମୁରାରୀପୁରସ୍ଥିତ ଗୋପାଳଜିଉ ସରକାରୀ ବିଦ୍ୟାଳୟକୁ ବଦ୍‌ନାମ କରିବାକୁ ହୀନ ଚକ୍ରାନ୍ତ କରାଯାଉଥିବା ସରପଂଚ, ସ୍କୁଲ ପରିଚାଳନା କମିଟି ସଭାପତି ଓ ସଭ୍ୟମାନେ ବିରୋଧ କରିଛନ୍ତି । ଥାନୁଆଳ ପଂଚାୟତ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସରପଂଚ ନର୍ମଦା ସ୍ୱାଇଁ ଓ ଏସ୍ଏମ୍‌ସି ସଭାପତି ପ୍ରବୋଧ କୁମାର ଜେନା ଯୋଗଦେଇ କହିଥିଲେ ଯେ, ୨ମାସ ପୂର୍ବେ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସଫଳତାର ସହ ପାଳିତ ହୋଇଥିଲା । ଏହି ସଫଳତା ପଛରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସେଠୀଙ୍କ ଯଥେଷ୍ଟ ଭୂମିକା ରହିଥିଲା । କିଛି ଅସହିଷ୍ଣୁ ବ୍ୟକ୍ତି ଏହାକୁ ସହ୍ୟ କରିନପାରି ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ହାତ କରି ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରିବାର ଅପଚେଷ୍ଟା ଚଳାଇଛିଁ । ଶିକ୍ଷୟିତ୍ରୀଙ୍କ ମାଧ୍ୟମରେ ପ୍ରଧାନଶିକ୍ଷକଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିଛିଁ । ସ୍କୁଲର ପ୍ରଧାନଶିକ୍ଷକ ତାଙ୍କ ପ୍ରତି ବ୍ୟବହାର ଖରାପ କରିବା ସହ ତାଙ୍କୁ ଖରାପ ଇଙ୍ଗିତ କରୁଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି । ତେବେ ଶିକ୍ଷୟିତ୍ରୀ ସ୍କୁଲରେ ଶିକ୍ଷାଦାନ ଓ ପରୀକ୍ଷା ପରିଚାଳନାରେ ଅବହେଳା ପ୍ରଦର୍ଶନ କରିଥିଲେ । ଏଭଳି ତ୍ରୁଟିକୁ ସୁଧାରିବା ପାଇଁ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେବା ସହ ଏ ସମ୍ପର୍କରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଧର୍ମଶାଳା ଥାନାରେ ଅଭିଯୋଗ କରିଛିଁ । ଏସ୍ଏମ୍‌ସି ପକ୍ଷରୁ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଉପରେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହିତ ଆଲୋଚନା କରିବା ପରେ ଏହା ଏକ ଉଦ୍ଦେଶ୍ୟମୂଳକ ଅଭିଯୋଗ ବୋଲି ସରପଂଚ ଓ ଏସ୍ଏମ୍‌ସି ସଭାପତି କହିଥିଲେ । ମୋ ସ୍କୁଲ ଅଭିଯାନର ସଭାପତି ପ୍ରସନ୍ନ କୁମାର ରାଉତ ଓ ପୁରାତନ ଛାତ୍ର ବିଶ୍ୱନାଥ ସାହୁ ଉପସ୍ଥିତ ଥିଲେ ।

## ଅମରେଶ୍ୱରୀ ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ ଜାରକା ପଂଚାୟତ ଉତର ଶାସନ ଗ୍ରାମରେ ବିଷୁବ ସଂକ୍ରାଂତିଠାରୁ ଆରମ୍ଭ ହୋଇଥିବା ମା' ଅମରେଶ୍ୱରୀଙ୍କ ବିଶ୍ୱଶାଂି ମହାଯଜ୍ଞ ଆଜି ଉଦ୍‌ଯାପିତ ହୋଇଛି । ପ୍ରଥମ ଦିବସରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା, ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ଚଣ୍ଡିପାଠ, ହନୁମାନ ପୂଜା, ଯଜ୍ଞାରମ୍ଭ, ଆହୂତି, ଭୋଗଲାଗି ଆଦି ରୀତିନୀତି ସଂପନ୍ନ ହୋଇଥିଲା । ଦ୍ୱିତୀୟ ଦିବସରେ ମା'ଙ୍କ ଷୋଡଶ ଉପଚାର ପୂଜା, ଗୀତାଯଜ୍ଞ ସମେତ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ଆଜି ଯଜ୍ଞଦେବତାଙ୍କ ନଗର ପରିକ୍ରମା, ପୂଜାର୍ଚ୍ଚନା ଓ ରାତିରେ ଯଜ୍ଞରେ ପୂର୍ଣ୍ଣାହୂତି ଦିଆଯାଇଛି । ପୂଜକ ପ୍ରମୋଦ ପାଢ଼ୀ ଓ ସହଯୋଗୀମାନେ ଯଜ୍ଞକର୍ମ ସମ୍ପାଦିତ କରିଥିବା ବେଳେ ମନ୍ଦିର ପୂଜକ ଭାସ୍କର ଶତପଥୀ, ପ୍ରଫୁଲ୍ଲ କୁମାର ଦାଶ, ପ୍ରଭାତ ପାଣିଗ୍ରାହୀ, ତ୍ରିୟମ୍ବକ ରଥ, ଅଶୋକ ଆଚାର୍ଯ୍ୟ, ପ୍ରଦୀପ୍ତ ଦାଶ, ନାରାୟଣ ଓଝା, ଉମେଶ ବାରିକ, ନାରାୟଣ ସାହୁ, ଅମରେନ୍ଦ୍ର ରାଉତ, ଚିନ୍ମୟ ସାହୁ ପ୍ରମୁଖ ଏଥିରେ ସହାୟତା କରିଥିଲେ । ପ୍ରତ୍ୟହ ସଂଧ୍ୟାରେ ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବ'ରାୟ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସରପଂଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଂଚ ବିଭୂତି ଭୂଷଣ ପାଣିଗ୍ରାହୀ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ପୂର୍ବତନ ସମିତିସଭ୍ୟ ଉମାକାନ୍ତ ସାମଲ, କାଳନ୍ଦୀ ସାହୁଙ୍କ ସମେତ ସ୍ଥାନୀୟ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରି କୃପାଲାଭ କରିଥିଲେ । ଉତର ଶାସନ, ଦୁବଗଡିଆ, ନାଉପାଳ ଓ ଉତର ଶାସନ(ଖ) ଗ୍ରାମବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତେ ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର

ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାଂକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇଏସଆଇସି ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଏସଆଇସି ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।


2024-2025

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

Bhubaneswar Wednesday April 17, 2024 ଭୁବନେଶ୍ୱର ବୁଧବାର, ଅପ୍ରେଲ ୧୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ରାଜ୍ୟ କଂଗ୍ରେସର ନିର୍ବାଚନ ପ୍ରଚାର ପାଇଁ ଏଲ୍.ଇ.ଡ଼ି ଭ୍ୟାନ ଉଦ୍‌ଘାଟିତ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ୨୪ ବର୍ଷର ନବୀନ ସରକାରଙ୍କ ଅସଫଳତା ଓ ୧୦ ବର୍ଷର ମୋଦୀ ସରକାରଙ୍କ ବିଫଳତା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏଲ୍.ଇ.ଡ଼ି ଭ୍ୟାନର ଉଦ୍‌ଘାଟନ କରାଯାଇଛି। ଘରେ ଘରେ ଉଭୟ ସରକାରଙ୍କର ଅପାରଗତା, ଦୁର୍ନୀତି ଓ ଭ୍ରଷ୍ଟାଚାର ସଂପର୍କରେ ଜନସାଧାରଣଙ୍କ ଅବଗତ କରିବା ପାଇଁ ଦଳ ପକ୍ଷରୁ ଏପରି ଏକ ଅଭିନୟ ପ୍ରୟାସ ଆରମ୍ଭ କରାଯାଇଅଛି। ଦେଶ ନିର୍ମାଣରେ କଂଗ୍ରେସର ଭୂମିକା ଅନନ୍ୟ ହୋଇଥିବାବେଳେ ବିଜେଡ଼ି ଓ ବିଜେପି ପକ୍ଷରୁ ଯେପରି ଭାବରେ କୁତ୍ସାରଟନା କରାଯାଉଛି ତା'ର ସତ୍ୟତାକୁ ସାଧାରଣ ଜନତାଙ୍କ ନିକଟରେ ପହଂଚାଇବା ପାଇଁ ଦଳ ପକ୍ଷରୁ ଏହି ଏଲ୍.ଇ.ଡ଼ି ଭ୍ୟାନ ବ୍ୟବସ୍ଥା ଆପଣାଯାଇଛି। ଦେଶ ତଥା ରାଜ୍ୟର ମହିଳା, କୃଷକ, ଯୁବକ ଏବଂ ବଂଚିତ ବର୍ଗଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା କଂଗ୍ରେସର ପ୍ରମୁଖ ଦାୟିତ୍ୱ। ଦଳ ପକ୍ଷରୁ ଦିଆଯାଇଥିବା ଗ୍ୟାରେଂଟି ସଂପର୍କରେ ଜନତାଙ୍କୁ ସଚେତନ କରିବା ଓ ଉଭୟ ସରକାରଙ୍କ ଜନ ବିରୋଧି ନୀତି ବାବଦରେ ଜନସାଧାରଣଙ୍କୁ ସଜାଗ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଆଭିମୁଖ୍ୟ। ଦେଶ ଓ ରାଜ୍ୟରେ ଦେଖା ଦେଇଥିବା ବେକାରୀ ସମସ୍ୟା, ଦରଦାମ୍ ବୃଦ୍ଧି, ମହିଳା ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଏହି ଭ୍ୟାନ ରାଜ୍ୟ ରାଜଧାନୀରୁ ଆରମ୍ଭ କରି ପ୍ରତ୍ୟେକ ଜିଲ୍ଲା ସଦର ମହକୁମା, ବ୍ଲକ, ପଂଚାୟତ ଓ ୱାର୍ଡ ମାନଙ୍କୁ ଯାଇ ଉଭୟ ସରକାରଙ୍କ ଅନିତି ଓ ଭ୍ରଷ୍ଟାଚାର ସଂପର୍କରେ ଲୋକଙ୍କୁ ସଚେତନ କରାଇବା ସହିତ କଂଗ୍ରେସ ଦେଇଥିବା ଗ୍ୟାରେଂଟି ଜରିଆରେ ବିଭିନ୍ନ ବର୍ଗଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା ଲାଗି ଦଳ ପକ୍ଷରୁ ଏହି ବ୍ୟବସ୍ଥା ହାତକୁ ନିଆଯାଇଛି।

ଏହି କାର୍ଯ୍ୟକ୍ରମରେ ପ୍ରଚାର କମିଟି ଅଧକ୍ଷ ଭକ୍ତଚରଣ ଦାସ, ଏ.ଆଇ.ସି.ସି. ବରିଷ୍ଠ ପର୍ଯ୍ୟବେକ୍ଷକ ତଥା ପୂର୍ବତନ ସାଂସଦ ମୀନାକ୍ଷୀ ନଟରାଜନ, ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଂଟିଆ, ଓଡ଼ିଶା ସହପ୍ରଭାରୀ ତଥା ଏ.ଆଇ.ସି.ସି. ସଂପାଦକ ଖ୍ରୀଷ୍ଟଫର ତିଲ୍ଲକ, ଗଣମାଧମ ବିଭାଗ ଅଧକ୍ଷ ଡ. ବିଶ୍ୱରନ ମର୍ହାଁ, ଏ.ଆଇ.ସି.ସି. ଗଣମାଧମ ପ୍ରଭାରୀ ବବିତା ଶର୍ମା, ଏ.ଆଇ.ସି.ସି ସହପର୍ଯ୍ୟବେକ୍ଷକ ହର୍ଷବର୍ଦ୍ଧନ ସପକାଲ, ମାନିଫେଷ୍ଟୋ କମିଟି ଅଧକ୍ଷ - ପଂଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ଅନ' ପ୍ରସାଦ ସେଠୀ, ଉପସଭାପତି ଶିବାନନ୍ଦ ରାୟ, ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, କଟକ ଜିଲ୍ଲା ସଭାପତି ମାନସ ଚୌଧୁରୀ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ, ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଛାତ୍ର କଂଗ୍ରେସ ସଭାପତି ଯାସିର ନୱାଜ, ସାମାଜିକ ଗଣମାଧମ ବିଭାଗର ଅଧକ୍ଷ ଅମୀୟ ପାଣ୍ଡବ, ପବ୍ଲିସିଟି ଚେୟାରମ୍ୟାନ ସଂଜୟ ତ୍ରିପାଠୀ, ଉପସଭାପତି କିଶୋର ଜେନା, ଜନାକୀ ବଲ୍ଲଭ ପଟ୍ଟନାୟକ, ମୁଖପାତ୍ର ମନୋରନ ଦାସ, ୱାର ରୁମ୍ ସହ ଅଧକ୍ଷ ଲଲାଟେନ୍ଦୁ ଶତପଥି, ସାଧାରଣ ସମ୍ପାଦକ ତରୁଣକାଂ ମିଶ୍ର, ମାନସ ଆଚାର୍ଯ୍ୟ, ଶ୍ରୀନିବାସ ରାଉତାରାୟ, ଚିନ୍ମୟ ସୁନ୍ଦର ଦାସ, ସାରଦ ପ୍ରସାଦ ପ୍ରଧାନ ଓ ମୁଖପାତ୍ର ରଜନୀ ମର୍ହାଁ, ସୋନାଲୀ ସାହୁ ଓ ଅପର୍ଣ୍ଣାଧିର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ମାଳପଡାରେ ଅଖଣ୍ଡ ଚ଼ବିଶ ପ୍ରହରୀ ନାମ ଯଜ୍ଞ ଉତ୍ସବ ଅବସରରେ କଳସ ଶୋଭାଯାତ୍ରା

ଖପ୍ରାଖୋଲ ୧୬/୦୪(ପିଏନ) ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ମାଳପଡା ଠାରେ ଚ଼ବିଶ ପ୍ରହର ନାମ ଯଜ୍ଞ ଉତ୍ସବ ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ପୁରୁଷ ଘଣ୍ଟ, ଶଙ୍ଖ, ସଙ୍କୀର୍ତ୍ତନ ର ତାନେ ତାନେ କଳସ ଶୋଭାଯାତ୍ରା ହୋଇଥିଲା। ପବିତ୍ର ବେଦ ମନ୍ତ୍ର ରେ ଭକ୍ତି ମୟ ପରିବେଶ ହୋଇ ଉଠିଥିଲା ମନ୍ଦିର ପରିସର। ପୂଜା କର୍ତ୍ତା ରୂପେ କୈଳାସ ବରିହା ପତ୍ନୀ ସୁମିତ୍ରା ବରିହା ଏବଂ ଭଜରାଜ ବରିହା ପତ୍ନୀ ଜୋସବାନ୍ତି ବରିହା ସସ୍ତ୍ରିକ ନିୟୋଜିତ ହୋଇଥିବା ବେଳେ ନବୀନ ଶତପଥୀ, ବିପିନ ଶତପଥୀ, ପୂଜାକାର୍ଯ୍ୟ ରେ ନିୟୋଜିତ ଥିଲେ। ଗ୍ରାମ କମିଟି ସଭାପତି ଭରତ ଚ଼ନ୍ଦ୍ର ସାହୁ, ଭରତ ପୋଡ଼, ସମ୍ପାଦକ ସୁନୀଲ ଗୁପ୍ତା, ମାଲପଡ଼ା ଗ୍ରାମବାସୀ ପ୍ରମୁଖ ଯୋଗଦେଇ ଥିଲେ ଚ଼ବିଶ ପ୍ରହାର ନାମ ଯଜ୍ଞ, ହୋମ ଯଜ୍ଞ ଆଦି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପ୍ରକାଶ କରିଛନ୍ତି।

## ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ପକ୍ଷରୁ ଲକ୍ଷ୍ନୌ ସୁପର ଜାଏଂଟ୍‌ସ ସହ ସହଯୋଗିତା

ଭୁବନେଶ୍ୱର,ପି.ଏନ): କ୍ରିକେଟ ଋତୁ ପାଇଁ ଦେଶର ଅଗ୍ରଣୀ ଘରୋଇ ଜୀବନ ବୀମା କମ୍ପାନି ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ "ଲିଡ ହେଲମେଟ ପାର୍ଟନର" ଭାବେ ଲକ୍ଷ୍ନୌ ସୁପର ଜାଏଂଟ୍‌ସ (ଏଲଏସଜି) ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହି ସହଯୋଗିତାର ଅଂଶ ଭାବେ ଏସବିଆଇ ଲାଇଫର ଲୋଗୋ ଏଲଏସଜି ହେଲମେଟ୍‌ରେ ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ। କ୍ରିକେଟର ଲୋକପ୍ରିୟତା ଜରିଆରେ ବ୍ରାଣ୍ଡ ଅଧିକ ଲୋକଙ୍କ ପାଖରେ ପହଂଚିପାରିବ ଏବଂ ଆର୍ଥିକ ସୁରକ୍ଷାଭଳି ଏକ ସକାରାତ୍ମକ ଚିନ୍ତାଧାରାର ପ୍ରସାର ହେବ। ଏହି ସହଯୋଗିତା କ୍ରିକେଟ ପଡ଼ିଆରେ ହେଲମେଟ ପ୍ରଦାନ କରୁଥିବା ସୁରକ୍ଷା ଏବଂ ଲୋକମାନଙ୍କ ଜୀବନ ଓ ପରିବାରକୁ ସୁରକ୍ଷା ଦେବାରେ ଜୀବନ ବୀମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟକୁ ଉପସ୍ଥାପନ କରୁଛି। ଏସବିଆଇ ଲାଇଫର କର୍ପୋରେଟ କମ୍ୟୁନିକେସନ ଆଣ୍ଡ ସିଏସଆର ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, "ଲକ୍ଷ୍ନୌ ସୁପର ଜାଏଂଟସ ସହିତ ଆମର ସମ୍ପର୍କ ଗଭୀର ଭାବନାତ୍ମକ ସ୍ତରରେ ସୁରକ୍ଷାର ଆବଶ୍ୟକତା ଏବଂ "ଇରାଦୋଁ କି ସୁରକ୍ଷା" ଉପରେ ଗୁରୁତ୍ୱାରୋପ କରୁଛି। ଏକ ବ୍ରାଣ୍ଡ ଭାବେ ଏସବିଆଇ ଲାଇଫ୍ ବୀମା ମାଧ୍ୟମରେ ଆବଶ୍ୟକ ପ୍ରୋତ୍ସାହନ ପ୍ରଦାନ କରୁଛି ଯାହା ଦ୍ୱାରା ଲୋକମାନେ ସେମାନଙ୍କ ସ୍ୱପ୍ନ ପୂରଣ କରିବା ଉପରେ ଧ୍ୟାନ ଦେଇପାରିବେ। ଲକ୍ଷ୍ନୌ ସୁପର ଜାଏଂଟ୍‌ସ (ଏଲଏସଜି) ଭଳି ନୂଆ ଓ ଚମତ୍କାର ଦଳ ସହ ଯୋଡ଼ି ହେବା ଦ୍ୱାରା ଆମେ ଲକ୍ଷ ଲକ୍ଷ କ୍ରିକେଟପ୍ରେମୀଙ୍କ ନିକଟରେ ପହଂଚିପାରିବୁ। ଏହା ବୀମାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଆଲୋଚନାକୁ ଉତ୍ସାହିତ କରିବ। ଏହା ଦ୍ୱାରା ବୃହତ ଜନସାଧାରଣଙ୍କୁ ଆର୍ଥିକ ଭବିଷ୍ୟତ ସୁରକ୍ଷିତ କରିବା ଦିଗରେ ପ୍ରଗତିଶୀଳ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଉଛି।"

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ନିମନ୍ତେ ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ଅନ୍ଧପୁଟୁଳି ବାନ୍ଧି ଆନ୍ଦୋଳନ

କୋରାପୁଟ ଜିଲ୍ଲା: (ପି ଏନ୍) ଜୟପୁର ସହରରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଙ୍କ ସୁରକ୍ଷା ନିମନ୍ତେ ଆଖିରେ କଳା କପଡା ବାନ୍ଧି ଜୟପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍‌ଦୋଳନ କରିଥିଲେ, କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ପ୍ରକାର ଦାବି ଗୁଡିକ ରହିଛି, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟର ସମସ୍ତ ଜିଲ୍ଲାର ବ୍ଲକ୍ କାର୍ଯ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ପ୍ରତି ଅଣ ଦେଖା କରୁଛନ୍ତି ବୋଲି ଧାରଣା ରତ ପ୍ରଥମେ ଲୟର ପିଏମଜିରେ ଧାରଣା ଏବଂ ବିଧାନ ସଭା ମଧ୍ୟ ଘେରାଉ କରାଯାଇଛି, ରାଜ୍ୟ ସରକାର ତିଳେ ମାତ୍ରେ କୌଣସି ପଦକ୍ଷେପ ନେବା ପାଇଁ ଆଗଭର ହେଉ ନାହାନ୍ତି, ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ବୟସ୍କ ସାମ୍ବାଦିକ ମାନଙ୍କୁ ପେନସନ ର ବ୍ୟବସ୍ଥା ଯୋଗାଇ ଦିଆଯାଉ, ସ୍ୱାସ୍ଥ୍ୟ ବିମାରେ ସାମ୍ବାଦିକଙ୍କ ପରିବାର ପିତା ମାତା ଓ ୨୫ ବର୍ଷରୁ ଉର୍ଦ୍ଧସନ୍ତାନ ସନ୍ତତି ମାନଙ୍କୁ ସାମିଲ କରାଯାଉ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ସାମ୍ବାଦିକ ଏକାଡେମୀ ଗଠନ, ଠିକ୍ ଏହି ପରି ହିଁ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ।

## ମା ମଙ୍ଗଳାଙ୍କ ମନ୍ଦିର ରେ ଚ଼ତୁର୍ଥ ପାଲିଯାତ୍ରା,ମହାଷ୍ଟମୀ ବେଶରେ ଦର୍ଶନ ଦେଲେ ମା ମଙ୍ଗଳା



କାକଟପୁର,(ପି.ଏନ): ଚୈତ୍ରମାସ ର ଚ଼ତୁର୍ଥ ମଙ୍ଗଳବାର। ପାରମ୍ପରିକ ପ୍ରଥାନୁସାରେ କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କ ମନ୍ଦିର ରେ ପାଳିତ ହୋଇଛି ଚ଼ତୁର୍ଥ ପାଲି ଯାତ୍ରା। ମା ଙ୍କ ପୀଠରେ ଏବେ ବାସନ୍ତିକ ଦୁର୍ଗାପୂଜା ଚ଼ାଲି ଥିବାରୁ ଆଜି ପବିତ୍ର ଅଷ୍ଟମୀ ତିଥିରେ ମାଙ୍କୁ ମହାଷ୍ଟମୀ ବେଶରେ ସଜ୍ଜିତ କରାଯାଇଥିଲା କ୍ଷ ରାତ୍ର ତିନିଘଡି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚ଼ନ୍ଦନ ଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା। ବଲ୍ଲଭ ନୀତି ପରେ ସକାଳ ଧୂପ, ବନ୍ଦାପନା ଆଳତୀ ପରେ ସର୍ବସାଧାରଣ ଙ୍କ ଦର୍ଶନ ପାଇଁ ମନ୍ଦିର ସାହାଣମେଲା କରାଯାଇଥିଲା । ମାତୃଭକ୍ତ ମାନେ ଉତ୍ତର ଓ ସିଂହ ଦ୍ୱାର ଦେଇ ବ୍ୟାରିକେଟ ମଧ୍ୟରେ ଧାଡ଼ି ରେ ମନ୍ଦିର ଗର୍ଭଗୃହ କୁ ଯାଇ ମା ଙ୍କର ମହାଷ୍ଟମୀ ବେଶ ଦର୍ଶନ କରିଥିଲେ। ସୀମନ୍ତିନୀ ମହିଳାମାନେ ମନ୍ଦିର ବେଢାରେ ନିଜ ସ୍ୱାମୀ ଓ ପରିବାର ର ମଙ୍ଗଳ କାମନା କରି ପନ୍ଥେଇ ପୂଜା କରିଥିଲେ। ଦିନ ପ୍ରାୟ ୧ଟା ବେଳକୁ ଝଙ୍କଡ ପୀଠ ରୁ ଆସିଥିବା ରାଉଳ ସେବକ ମାନେ ଓ ସ୍ଥାନୀୟ ଅଞ୍ଚଳ ର ଭୋଇ ପାଟୁଆ ମାନେ ଏକ ଶୋଭାଯାତ୍ରା ରେ ପ୍ରାଚ଼ୀ ନଦୀ ର ଘଣ୍ଟ ତୋଳା ତୁଠ କୁ ଯାଇ ପାଣି ତୋଳି, ଘଟ ସ୍ଥାପନା କରି ମନ୍ଦିର କୁ ଆସିଥିଲେ। ମା ଙ୍କର ଆଜ୍ଞାମାଳ ପାଇବା ପର ପାଟୁଆ ମାନେ ଘଣ୍ଟ, ଢୋଲ ଓ କାହାଳୀ ହରିବୋଲ, ହୁଳହୁଳି ଏବଂ ପାରମ୍ପରିକ ବାଦ୍ୟର ତାଳେ ତାଳେ ଘଣ୍ଟ ପାଟୁଆ ନୃତ୍ୟ କରିଥିଲେ। ମଧ୍ୟରାତ୍ରି ସମୟରେ କାଳିକା ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଜଣେ ଖମାରେଇ ସେବକ ନିଜକୁ ମହାକାଳୀ ବେଶରେ ସଜ୍ଜିତ କରି ଖଡ୍ଗ ଧାରଣ ପୂର୍ବକ ଘଣ୍ଟ, ଢୋଲ, ମହୁରୀ, ମଶାଲ ମଧ୍ୟରେ ମା ଙ୍କ ଆଜ୍ଞାମାଳ ପାଇବା ପରେ ମନ୍ଦିର ବେଢ଼ାରେ ଓ ସେବକ ସାହି ଦାଣ୍ଡ ରେ କାଳିକା ନୃତ୍ୟ ପ୍ରଦର୍ଶନ କରିଥିଲେ। ତା ପରେ ରାତ୍ରି ଧୂପ, ଗୀତଗୋବିନ୍ଦ ପାଠ ଓ ବଡସିଂହାର ପରେ ଭ୍ରମଣୀ ନୀତି ଅନୁଷ୍ଠିତ ହୋଇଥିଲା। ମା' ଙ୍କର ବଡସିଂହାର ଧୂପ ସରିବା ପରେ ମନ୍ଦିର ପହୁଡ଼ ପଡିଥିଲା। ଦିନରେ ପାଟୁଆ ନୃତ୍ୟ ଓ ରାତିରେ କାଳିକା ନୃତ୍ୟ ଦେଖି ମାତୃ ଭକ୍ତ ମାନେ ବିମୋହିତ ହୋଇ ପଡ଼ିଥିଲେ। ଚ଼ତୁର୍ଥ ପାଲି ଯାତ୍ରା ପାଇଁ ମନ୍ଦିର ପ୍ରଶାସନ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆସନ୍ତା ୨୩ ତାରିଖରେ ମା ଙ୍କ ର ପଞ୍ଚମ ପାଲି ତଥା ଝାମୁଯାତ୍ରା ଅନୁଷ୍ଠିତ ହୋଇ ୧ ମାସ ବ୍ୟାପୀ ଚ଼ାଲିବ ବୋଲି ମଙ୍ଗଳା ମନ୍ଦିର ସେବାୟତ ନିଯୋଗ ଉପସଭାପତି କମଳ ଲୋଚ଼ନ ଦୀକ୍ଷିତ ଏବଂ ଉପଦେଷ୍ଟା କମିଟି ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ ପ୍ରକାଶ କରିଛନ୍ତି ।

## ମା ଫୁଲସୁନ୍ଦରୀ ମନ୍ଦିର ଠାକୁରାଣୀ ଯାତ୍ରା ପାଇଁ ଶୁଭ ଖୁଣ୍ଟି ପୂଜା ଅନୁଷ୍ଠିତ

ପାରଳାଖେମୁଣ୍ଡି, ୧୬/୪(ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସମୁଟିଆ ସାହି ରେ ଆଜି ମା ଶ୍ରୀ ଶ୍ରୀ ଶ୍ରୀ ଫୁଲସୁନ୍ଦରୀ ଠାକୁରାଣୀ ଯାତ୍ରା ପାଇଁ ଶୁଭଖୁଣ୍ଟି ପୂଜା ପ୍ରତିଷ୍ଠା କରାଯାଇଥିଲା। ଏହି ଶୁଭ ପୂଜା ରେ ମୁଖ୍ୟ ଅତିଥି ଭାଇ ହାଇଟେକ ଗ୍ରୁପ ଅଧକ୍ଷ ଡକ୍ଟର ତିରୁପତି ପାଣିଗ୍ରାହି ଓ ଜିଲ୍ଲା ପରିଷଦ ଅଧକ୍ଷ ଗବାରା ତିରୁପତି ରାଓ ଉପସ୍ଥିତ ରହି ମା ଙ୍କ ଆଶୀର୍ବାଦ ଗ୍ରହଣ କରିବା ସହିତ ସମସ୍ତଙ୍କର ମଙ୍ଗଳ କାମନା କରିଛନ୍ତି। ଏହି ଠାକୁରାଣୀ ଯାତ୍ରା ଟି ପାଞ୍ଚ ବର୍ଷ କୁ ଥରେ ସାତ ଦିନ ପାଇଁ ଯାତ୍ରା କରାଯାଇଥାଏ , ଏହି ଯାତ୍ରା କୁ ଦେଖିବାକୁ ପ୍ରାୟ ଦଶ ହଜାର ରୁ ପନ୍ଦର ହଜାର ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଜମିଥାଏ। ମା ଙ୍କ ଠାରେ ନିଜ ନିଜର ପିଲା ମାନଙ୍କ ର ଭବିଷ୍ୟତ ମଙ୍ଗଳ ନିମନ୍ତେ ପୂଜାର୍ଚ୍ଚନା କରିଥାନ୍ତି । ମା ଙ୍କୁ କିଛି ଶୀତଳ ପୂଜା କଲେ ସାହି ର କିଛି ଅଘଟଣ ଘଟେ ନାହିଁ ଓ ସୁଖ ଶାନ୍ତି ରେ ରହିବେ , ପିଲାଙ୍କୁ ହୋଇଯା ହେବନି ,ପିଲାଙ୍କୁ ଝାଡ଼ା ବାନ୍ତି ହେବନି ଓ ମିଳିମିଳା ରୋଗ ହେବନି ବୋଲି ପ୍ରତ୍ୟେକ ସାହି ରେ ମା ଙ୍କୁ ପୂଜାର୍ଚ୍ଚନା ବିଶ୍ୱାସ ସହ ବଡ଼ ଆଡମ୍ବର ସହ କରିଥାନ୍ତି, ଏହି କାର୍ଯ୍ୟକ୍ରମ ରେ ପୂଜା କମିଟି ର ଜାନକୀ ବେହେରା, କୃଷ୍ଣ ବେହେରା, ମଧୁ ବେହେରା, ସୁର ପ୍ରଧାନ, ଭାରତ ଭୂଷଣ ମହାନ୍ତି ସହ ସ୍ଥାନୀୟ ଶତାଧିକ ଲୋକେ ଉପସ୍ଥିତି ଥିଲେ।






## ଲିଜ୍ ଧାରୀଙ୍କ ମନମାନି ପାଇଁ ଦୁର୍ଘଟଣାର ସୀକାର ହେଉଛନ୍ତି ପଥଚ଼ାରୀ

ଜେନାପୁର,(ପି.ଏନ୍) ରାଜ୍ୟର ସମସ୍ତ ଲିଜ୍ ଧାରୀଙ୍କ ପାଇଁ ବାଲି ଉତ୍ତୋଳନର ଆଇନଗତ ନୀତି ନିୟମ ଥିବା ବେଳେ ଏହାକୁ ବେଖାତିର୍ କରି ନିୟମର ଉର୍ଦ୍ଧ୍ୱରେ ବାଲିଚ଼ାଲଣା ହେଉଥିବାର ଅଭିଯୋଗ ହେଉଛି । ଯାହାକି ସର୍ବସାଧାରଣ ସ୍ଥାନରେ ଦିନ ବେଳା ବାଲି ପରିବହନ କରାଯାଇ ପାରିବ ନାହିଁ ନିୟମ ଥିଲା ବେଳେ ବେଖାତିର୍ ଭାବେ ବେଧଡକ ଚ଼ାଲିଛି ବାଲି ଉତ୍ତୋଳନ । ବାଲି ଉତ୍ତୋଳନ କରିବା ପାଇଁ ହାଇକୋର୍ଟଙ୍କ ପକ୍ଷରୁ ଏଭଳି କଡା ନିର୍ଦ୍ଦେଶ ରହିଛି । କିନ୍ତୁ ଏହା ଉପରେ ଶତ ପ୍ରତିଶତ ପ୍ରତିବନ୍ଧକ ଲଗାଇବାକୁ ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରି ବେଆଇନ ବାଲି ପରିବହନକୁ ନେଇ ଦାୟର ହୋଇଥିବା ମାମଲା ଉପରେ ହାଇକୋର୍ଟ ପୁନଃଛେଦ ପକାଇଥିଲେ । ସକାଳ ୭ଟା ରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ରାଜ୍ୟର କୌଣସି ସ୍ଥାନରେ ବାଲି ଉତ୍ତୋଳନ କରାଯାଇ ପାରିବ ନାହିଁ । ହାଇକୋର୍ଟ ରାୟ କରିଥିବା ବେଳେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ଅଧୀନ ମର୍ଜିତାପୁର ବାଲି ଘାଟ ହେଉଛି ଏହାର ବଡ଼ ଉଦାହରଣ। ଘାଟକୁ ପ୍ରଶାସନ ପକ୍ଷରୁ ଲିଜ୍ ଦିଆଯାଇଛି। ବାଲି ଉତ୍ତୋଳନ ପୂର୍ବରୁ ଏହି ଜାଗାକୁ ପ୍ରଶାସନ ପକ୍ଷରୁ ପିଲାର ପୋଷ୍ଟିଙ୍ଗ କିମ୍ବା ସୂଚ଼ନା ଫଳକ ଲଗାଯିବାର ନିୟମ ରହିଛି। କିନ୍ତୁ ତାହା ଏଠାରେ ଦୃଶ୍ୟମାନ ହେଉନାହିଁ । ଏଠାରେ କିନ୍ତୁ କୋର୍ଟଙ୍କ ରାୟ ପାଳନ କରୁନାହାଁନ୍ତି ଲିଜଧାରୀ। ପ୍ରଶାସନର ଅବହେଳା ନାଁ ଲିଜଧାରୀଙ୍କ ମନମାନୀରେ ଚ଼ାଲିଛି ବାଲି ଉତ୍ତୋଳନ । ଲିଜଏରିଆ ବାହାରୁ ବାଲି ଉତ୍ତୋଳନ ହେଉଥ ?ିବା ଅଭିଯୋଗ ହେଉଛି। ଯାହା ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡୁଛି ସରକାରଙ୍କୁ । ଯାହାକି ଏହି ଘାଟ ଦୀର୍ଘଦିନ ହେବ ରାତି ଦିନ ବେଧଡ଼କ ଭାବରେ ଦୁଇ ଦୁଇଟି ମେସିନ ଲଗାଇ ବାଲି ପରିବହନ କରାଯାଉଛି । ଏହା ଉପରେ କେବେ ହେଲେ ନଜର ପଡୁନାହିଁ ବିଭାଗୀୟ ଅଧିକାରୀଙ୍କର ନାଁ ଜାଣି ଅଜଣା ଅଧିକାରୀ ଭଳି ସମସ୍ତଙ୍କୁ ଚ଼କିତ କରୁଛି। ବାଲିଘାଟକୁ କେବେ ବିଭାଗୀୟ ଅଧିକାରୀ ମାନେ ଚ଼ଢ଼ାଉ କରିବାକୁ ଆସନ୍ତି ନାହିଁ । ଦାୟିତ୍ୱରେ ଥିବା ବଡ଼ପଣ୍ଡା ବାବୁଙ୍କ ଦାୟିତ୍ୱ ହୀନତା ପାଇଁ ଲିଜଧାରୀ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରୁନାହାଁନ୍ତି । ଦାୟିତ୍ୱ ନିର୍ବାହ କରୁଥିବା ଅଧିକାରୀ ଲିଜଧାରୀଙ୍କ ସହିତ ସୁସମ୍ପର୍କ ରଖି ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହେଉଛି । ଦିନବେଳା ବାଲି ପରିବହନ କରିବାକୁ ନିୟମ ନଥିବା ବେଳେ ଲିଜଧାରୀ ଗାଡି ମାନଙ୍କରେ ବାଲି ପରିବହନ କରୁଛନ୍ତି ତାହା ଆଶ୍ଚର୍ଯ୍ୟ କରୁଛି । ଯାହା ଦ୍ୱାରା କବାଟବନ୍ଧ ବଜାର ଏକ ବାଣିଜ୍ୟର ପେଣ୍ଠସ୍ଥଳୀ। ଏହି ବଜାରର ରାସ୍ତା ଅଣ ଓସାରିଆ ହୋଇଥିବାରୁ ଅନେକ ସମୟରେ ଏହି ବଜାର ଗହଳି ରହିଥାଏ । ଦିନବେଳା ବାଲି ଗାଡି ଆସି ରାସ୍ତାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାମ କରି ରଖୁଥାଏ । ଅନେକ ସମୟରେ ବାଲି ଗାଡି ଓଭର ଲୋଡିଙ୍ଗ୍ ହୋଇ ରାସ୍ତା ଯିବା ଦ୍ୱାରା ବାଲି ରାସ୍ତା ଉପରେ ଗଦା ହୋଇ ପଡିରହୁଛି । ରାସ୍ତା ଉପରୁ ବାଲି ହଟା ଯାଉନାହିଁ। ଯାହା ଦ୍ୱାରା ବାଇକରେ ଯାତାୟାତ କରୁଥିବା ପଥଚ଼ାରି ମାନଙ୍କର ଆଖି କାନରେ ପସି ସମସ୍ୟା ହେଉଛି । ଏହି ସମସ୍ୟାକୁ ଉଚ୍ଚ଼ସ୍ତରୀୟ ତଦନ୍ତ କରାଯାଇ ଖୁବ୍ ଶୀଘ୍ର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବୀ କରିଛନ୍ତି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray